# 11

# ରାସାୟନିକ ତାପଗତିକ ବିଜ୍ଞାନ

ଯେତେବେଳେ ଏକ ରାସାୟନିକ ପ୍ରତିକ୍ରିୟା ସଂଘଟିତ ହୁଏ ସେତେବେଳେ ଶକ୍ତିର ପରିବର୍ତ୍ତନ ହୁଏ ଯାହା ବିଭିନ୍ନ ପ୍ରକାର ହୋଇପାରେ । ଉଦାହରଣ ସ୍ୱରୂପ ଯେତେବେଳେ କିରୋସିନ୍, କୋଇଲା, କାଠ, ପ୍ରାକୃତିକ ଗ୍ୟାସ ଇତ୍ୟାଦି ଜାଳେଣୀ ଭାବରେ ଦହନ ହୁଏ ସେତେବେଳେ ତାପଜ ଶକ୍ତି ଓ ଆଲୋକ ଶକ୍ତି ଉତ୍ପନ୍ନ ହୁଏ । ବ୍ୟାଟେରୀରେ ରାସାୟନିକ ପ୍ରତିକ୍ରିୟା ଯୋଗୁଁ ବିଦ୍ୟୁତ୍‌ଶକ୍ତି ଉତ୍ପନ୍ନ ହୁଏ । ଆଲୋକ ସଂଶ୍ଳେଷଣ ସମୟରେ ଗ୍ଲୁକୋଜ ପ୍ରସ୍ତୁତ ହୁଏ; ଏଥିପାଇଁ ଗଛର ପତ୍ରରେ ଥିବା କ୍ଲୋରୋଫିଲ୍ ସୂର୍ଯ୍ୟାଲୋକ ଗ୍ରହଣ କରେ । ତେଣୁ ଉପରୋକ୍ତ ଆଲୋଚନାରୁ ଏହା ପ୍ରତୀୟମାନ ହୁଏ ଯେ ରାସାୟନିକ ପ୍ରତିକ୍ରିୟା ସମୟରୋ ଶକ୍ତିର ପରିବର୍ତ୍ତନ ବିଭିନ୍ନ ଉପାୟରେ ହୋଇପାରେ । ଏହି ଅଧ୍ୟାୟରେ ତୁମେ ସେହିସବୁ ପ୍ରତିକ୍ରିୟା ସମ୍ବନ୍ଧରେ ଶିକ୍ଷାଲାଭ କରିବ, ଯେଉଁଥିରେ ତାପଜ ଶକ୍ତି ନିର୍ଗତ ହୁଏ କିମ୍ବା ବିଶୋଷିତ ହୁଏ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପାଠକରିବା ପରେ ତୁମେ :

- ରାସାୟନିକ ତାପଗତିକ ବିଜ୍ଞାନରେ ସାଧାରଣ ଭାବେ ବ୍ୟବହୃତ ଶବ୍ଦଗୁଚ୍ଛର ସଂଜ୍ଞା ନିରୂପଣ କରିବାରେ ସମର୍ଥ ହେବ;
- ତାପ ଉତ୍ପାଦୀ ଏବଂ ତାପଶୋଷୀ ପ୍ରତିକ୍ରିୟା ମଧ୍ୟରେ ପ୍ରଭେଦ ଦର୍ଶାଇ ପାରିବ;
- ରାସାୟନିକ ତାପଗତିକ ବିଜ୍ଞାନର ପ୍ରଥମ ନିୟମ ବ୍ୟାଖ୍ୟା କରିବାରେ ସକ୍ଷମ ହେବ;
- ଆଭ୍ୟନ୍ତରୀଣ ଶକ୍ତି ବୁଝାଇବାରେ ସକ୍ଷମ ହେବ;
- ଏନ୍‌ଥାଲପି ଓ ଏନ୍‌ଥାଲିପି ପରିବର୍ତ୍ତନ କଣ ଜାଣିପାରିବ;
- ଏନ୍‌ଥାଲପି ପରିବର୍ତ୍ତନ ଏବଂ ଆଭ୍ୟନ୍ତରୀଣ ଶକ୍ତି ପରିବର୍ତ୍ତନ ମଧ୍ୟରେ ଥିବା ସଂପର୍କ ପ୍ରକାଶ କରିବାରେ ସକ୍ଷମ ହେବ;
- ନିର୍ମାଣ ଏନ୍‌ଥାଲପି, ପ୍ରଶମନୀକରଣ ଏନ୍‌ଥାଲ୍‌ପି ଏବଂ ଦହନ ଏନ୍‌ଥାଲ୍‌ପି ବୁଝାଇବାରେ ସକ୍ଷମ ହେବ;
- ପ୍ରତିକ୍ରିୟା ଏନ୍‌ଥାଲପି ଏବଂ ପ୍ରତିକାରକ ଓ ଉତ୍ପାଦର ନିର୍ମାଣ ଏନ୍‌ଥାଲ୍‌ପି ମଧ୍ୟରେ ଥିବା ସଂପର୍କ ବୁଝାଇବାରେ ସକ୍ଷମ ହେବ;
- ଏନ୍‌ଥାଲ୍‌ପି ପରିବର୍ତ୍ତନ ସମ୍ବନ୍ଧୀୟ ଗାଣିତିକ ପ୍ରଶ୍ନ ସମାଧାନ କରିବାରେ ସକ୍ଷମ ହେବ;
- ହେସ୍‌ଙ୍କ ନିୟମ ବ୍ୟାଖା କରିବାରେ ସକ୍ଷମ ହେବ;

- ହେସ୍‌ଙ୍କ ନିୟମ ବ୍ୟବହାର କରି ପ୍ରତିକ୍ରିୟା ଏନଥାଲ୍‌ପି ନିର୍ଣ୍ଣୟ କରିବାରେ ସକ୍ଷମ ହେବ;
- ବନ୍ଧନ ଏନ୍‌ଥାଲପି ତଥ୍ୟକୁ ବ୍ୟବହାର କରି ପ୍ରତିକ୍ରିୟା ଏନ୍‌ଥାଲ୍‌ପି ନିର୍ଣ୍ଣୟ କରିବାରେ ସକ୍ଷମ ହେବେ ।

## 11.1 ସାଧାରଣ ଭାବରେ ବ୍ୟବହୃତ ଶବ୍ଦଗୁଚ୍ଛ

ଏହି ଅଧ୍ୟାୟରେ ତୁମେ ବାରମ୍ବାର ବ୍ୟବହୃତ ହେଉଥିବା ଶବ୍ଦଗୁଚ୍ଛ ବିଷୟରେ ଜାଣିବ । ଆସ ପ୍ରଥମେ ଏହି ଶବ୍ଦଗୁଚ୍ଛର ଅର୍ଥ ବୁଝିବାକୁ ଚେଷ୍ଟାକରିବା ।

### 11.1.1 ବ୍ୟବସ୍ଥା ଏବଂ ପରିବେଶ

ଯଦି ଆମେ ଗୋଟିଏ ବିକରରେ ଦୁଇଟି ପଦାର୍ଥ A ଓ B ର ପ୍ରତିକ୍ରିୟାକୁ ବିଚାରକୁ ନେବା ତେବେ A ଓ B ର ପ୍ରତିକ୍ରିୟା ମିଶ୍ରଣକୁ ବ୍ୟବସ୍ଥା କୁହାଯାଏ ଏବଂ ବିକରର ଚର୍ତ୍ତୁପାର୍ଶ୍ୱରେ ଥିବା ସ୍ଥାନକୁ ପରିବେଶ କୁହାଯାଏ । (ଚିତ୍ର 11.1)

ଯେଉଁ ଅଂଶ ବ୍ୟବସ୍ଥାକୁ ପରିବେଶ ଠାରୁ ପୃଥକ କରେ ତାହାକୁ ସୀମାରେଖା କୁହାଯାଏ । ଚିତ୍ରରେ ବିକରର କାଚକାନ୍ଥକୁ ସୀମାରେଖା କୁହାଯାଏ ।




**ଚିତ୍ର 11.1 :** *ବ୍ୟବସ୍ଥା ଓ ପରିବେଶ*

ଭୌତିକ ଜଗତର ଯେଉଁ ଅଂଶକୁ ଆଲୋଚନା ପରିସରଭୁକ୍ତ କରାଯାଏ ତାହାକୁ ବ୍ୟବସ୍ଥା କୁହାଯାଏ ଏବଂ ଅବଶିଷ୍ଟ ଅଂଶକୁ ପରିବେଷ୍ଟନୀ କୁହାଯାଏ ।

**ବିଚ୍ଛିନ୍ନ ବ୍ୟବସ୍ଥା :** ତୁମେ ଜାଣ ଯେ ଗରମ ଚା/ଦୁଧ (ଧରାଯାଉ ଏକ ବ୍ୟବସ୍ଥା)କୁ ଗୋଟିଏ ଥର୍ମୋଫ୍ଲାସ୍କରେ ବନ୍ଦକରି ରଖିଲେ ତାହା କିଛି ଘଣ୍ଟା ପାଇଁ ଗରମ ରହେ । ଯଦି ଏହି ଫ୍ଲାସ୍କ ଉପଯୁକ୍ତ ରୋଧକ ବସ୍ତୁରେ ତିଆରି ହୋଇଥାଏ ତେବେ ବ୍ୟବସ୍ଥା ଓ ପରିବେଶ ମଧ୍ୟରେ ବସ୍ତୁ କିମ୍ବା ଶକ୍ତିର ବିନିମୟ ହୋଇପାରେ ନାହିଁ । ଏଭଳି ବ୍ୟବସ୍ଥାକୁ ବିଚ୍ଛିନ୍ନ ବ୍ୟବସ୍ଥା କୁହାଯାଏ ।

**ସଂଜ୍ଞା :** ବିଚ୍ଛିନ୍ନ ବ୍ୟବସ୍ଥା ହେଉଛି ସେହି ବ୍ୟବସ୍ଥା ଯାହା ପରିବେଶ ସହିତ ବସ୍ତୁ କିମ୍ବା ଶକ୍ତି ବିନିମୟ କରେନାହିଁ । ।

**ସଂବୃତ ବ୍ୟବସ୍ଥା :** ଯଦି ଏକ କଳଙ୍କି ଲାଗିନଥିବା ଇସ୍ପାତ ଫ୍ଲାସ୍କରେ ଚା/ଦୁଧକୁ ବନ୍ଦ କରି ରଖାଯାଏ ତେବେ ତାହା ଅଳ୍ପସମୟ ପାଇଁ ଗରମ ରୁହେ । ଏକ୍ଷେତ୍ରରେ ଇସ୍ପାତ କାନ୍ଥ ଦେଇ ଶକ୍ତି ପରିବେଶକୁ ଚାଲିଯାଏ କିନ୍ତୁ ଫ୍ଲାସ୍କ ବନ୍ଦଥିବାରୁ ବସ୍ତୁ ବାହାରକୁ ଯାଇପାରେ ନାହିଁ । ଏଭଳି ବ୍ୟବସ୍ଥାକୁ ସଂବୃତ ବ୍ୟବସ୍ଥା କୁହାଯାଏ ।

**ସଂଜ୍ଞା :** ସଂବୃତ ବ୍ୟବସ୍ଥା ହେଉଛି ସେହି ବ୍ୟବସ୍ଥା ଯାହା ପରିବେଶ ସହିତ ଶକ୍ତି ବିନିମୟ କରିପାରିବ କିନ୍ତୁ ବସ୍ତୁନୁହେଁ ।

**ମୁକ୍ତ ବ୍ୟବସ୍ଥା :** ଚା/ଦୁଧ ଥିବା ଫ୍ଲାସ୍କକୁ ଯଦି ଖୋଲା ରଖାଯାଏ ତେବେ ବାଷ୍ପୀକରଣ ହୋଇ କିଛି ବସ୍ତୁ ଏବଂ ତା ସହିତ କିଛି ଶକ୍ତି ପରିବେଶକୁ ଚାଲିଯାଏ । ଏଭଳି ବ୍ୟବସ୍ଥାକୁ ମୁକ୍ତ ବ୍ୟବସ୍ଥା କୁହାଯାଏ । ମଣିଷ, ପଶୁପକ୍ଷୀ, ବୃକ୍ଷଲତା ଏ ସମସ୍ତ ମୁକ୍ତ ବ୍ୟବସ୍ଥାର ଉଦାହରଣ; କାରଣ ଏମାନେ ଅନବରତ ପରିବେଶ ସହିତ ବସ୍ତୁ ଓ ଶକ୍ତି ବିନିମୟ କରିଥାନ୍ତି ।

**ସଂଜ୍ଞା :** ମୁକ୍ତ ବ୍ୟବସ୍ଥା ହେଉଛି ସେହି ବ୍ୟବସ୍ଥା ଯାହା ପରିବେଶ ସହିତ ଉଭୟ ବସ୍ତୁ ଓ ଶକ୍ତି ବିନିମୟ କରେ ।

## 11.1.2 ବ୍ୟବସ୍ଥାର ଅବସ୍ଥା

ବ୍ୟବସ୍ଥାର ଅବସ୍ଥା ତାହାର ମପାଯାଇପାରୁଥିବା ଧର୍ମମାନଙ୍କ ଦ୍ୱାରା ବର୍ଣ୍ଣନା କରାଯାଇପାରିବ । ଉଦାହରଣ ସ୍ୱରୂପ ଗୋଟିଏ ଅବସ୍ଥା ବର୍ଣ୍ଣନା କରିବାକୁ ହେଲେ ତାର ଚାପ, ଆୟତନ ଓ ତାପ ପ୍ରକାଶ କରିବାକୁ ହେବ । ଏହି ପରିବର୍ତ୍ତନଶୀଳ ଧର୍ମମାନଙ୍କୁ ଅବସ୍ଥା ପରିବର୍ତ୍ତନାଙ୍କ କିମ୍ବା ଅବସ୍ଥା ଫଳନ କୁହାଯାଏ । ସେମାନଙ୍କର ମୂଲ୍ୟାଙ୍କ କେବଳ ବ୍ୟବସ୍ଥାର ପ୍ରାରମ୍ଭିକ ଓ ଅନ୍ତିମ ସ୍ଥିତି ଉପରେ ନିର୍ଭର କରେ । ପରିବର୍ତ୍ତନ ସମୟରେ ବ୍ୟବସ୍ଥା କେଉଁ ପଥଦେଇ ଗତିକଲା ତାହା ଉପରେ ନୁହେଁ । ଯେତେବେଳେ କୌଣସି ଏକ ବ୍ୟବସ୍ଥାର ଅବସ୍ଥାରେ ପରିବର୍ତ୍ତନ ହୁଏ, ତାହା କେବଳ ବ୍ୟବସ୍ଥାର ପ୍ରାରମ୍ଭିକ ଓ ଅନ୍ତିମ ଅବସ୍ଥା ଉପରେ ନିର୍ଭର କରେ (ଚିତ୍ର 11.2) ।




***ଚିତ୍ର 11.2 : ପ୍ରାରମ୍ଭିକ ସ୍ଥିତିରୁ ଅନ୍ତିମ ସ୍ଥିତିକୁ ଯିବା ପାଇଁ ତିନିଗୋଟି ପଥ (I, II, III) ଯେହେତୁ ଚାପ ଓ ତାପ ହେଉଛି ଅବସ୍ଥା ଫଳନ, ତେଣୁ ($P_2$ - $P_1$) ଓ ($T_2$ - $T_1$) ପଥ ଉପରେ ନିର୍ଭର କରେନାହିଁ ।***

**ଅବସ୍ଥା ଫଳନ ହେଉଛି ସେହି ଫଳନ ଯାହା କେବଳ ଅବସ୍ଥାର ସ୍ଥିତି ଉପରେ ନିର୍ଭର କରେ ।**

ବ୍ୟବସ୍ଥାର ସ୍ଥିତିରେ ପରିବର୍ତ୍ତନକୁ ଅବସ୍ଥାର ପ୍ରାରମ୍ଭିକ ଅବସ୍ଥା ଓ ଅନ୍ତିମ ଅବସ୍ଥା ଦ୍ୱାରା ପରିପ୍ରକାଶ କରାଯାଇଥାଏ । ଏହାକୁ ବୁଝିବା ପାଇଁ ଅନ୍ୟ ଏକ ଉଦାହରଣର ଅବତାରଣା କରାଯାଇପାରେ । ମନେକରାଯାଉ ଆମେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଗତିକଲେ, ଆମେ ଯେଉଁ ପଥ ଅତିକ୍ରମ କଲେ ତାହା ଆମେ କେଉଁ ପଥ ଦେଇଗଲେ ତାହା ଉପରେ ନିର୍ଭର କରେ; କିନ୍ତୁ ପୃଥିବୀ ପୃଷ୍ଠରେ ଏହି ଦୁଇ ସ୍ଥାନ ମଧ୍ୟରେ ଥିବା ପାର୍ଥକ୍ୟ ସର୍ବଦା ସ୍ଥିର । ତେଣୁ ପାର୍ଥକ୍ୟ ହେଉଛି, ଅବସ୍ଥା ଫଳନ କିନ୍ତୁ କେତେ ପଥ ଅତିକ୍ରମ କଲା ତାହା ନୁହେଁ ।

## 11.1.3 ବ୍ୟବସ୍ଥାର ଧର୍ମ

ବ୍ୟବସ୍ଥାର ଯେଉଁସବୁ ଧର୍ମ ମପାଯାଇପାରିବ ସେ ସବୁକୁ ବ୍ୟବସ୍ଥା ପରିବର୍ତ୍ତନାଙ୍କ କୁହାଯାଏ । ଏହା ମୁଖ୍ୟତଃ ଦୁଇ ପ୍ରକାର ।

**(i) ବ୍ୟାପକ ଧର୍ମ :** ବ୍ୟାପକ ଧର୍ମ ହେଉଛି ସେହି ଧର୍ମ ଯାହା କେବଳ ବ୍ୟବସ୍ଥାର ଆକାର ଉପରେ ନିର୍ଭର କରେ ।

ଉଦାହରଣ : ଆୟତନ, ଓଜନ, ଉତ୍ତାପ, ଆଭ୍ୟନ୍ତରୀଣ ଶକ୍ତି, ଏନ୍ଥାଲ୍‌ପି, ଏନ୍‌ଟ୍ରୋପି, ଗିବ୍‌ସଙ୍କ ମୁକ୍ତଶକ୍ତି ଇତ୍ୟାଦି ।

**(ii) ମାତ୍ରା ସ୍ୱତନ୍ତ୍ର ଧର୍ମ :** ମାତ୍ରା ସ୍ୱତନ୍ତ୍ର ଧର୍ମ ହେଉଛି ସେହି ଧର୍ମ ଯାହା ବ୍ୟବସ୍ଥାର ଆକାର ଉପରେ ନିର୍ଭର କରେନାହିଁ ।

ଉଦାହରଣ : ତାପ, ଚାପ, ସାନ୍ଦ୍ରତା, ପୃଷ୍ଠତାନ, ଶ୍ୟାନତା, ବିଦ୍ୟୁତ ଚାଳକ ବଳ, ରିଫ୍ରାକଟିଭ୍ ଇଣ୍ଡେକ୍ସ ଇତ୍ୟାଦି ।

ଯଦି ଏକକ ପରିମାଣର ନିର୍ଦ୍ଦିଷ୍ଟ ବସ୍ତୁକୁ ବିଚାରକୁ ନିଆଯାଏ ତେବେ ବ୍ୟାପକ ଧର୍ମ ମାତ୍ରା ସ୍ୱତନ୍ତ୍ର ଧର୍ମ ହୋଇଥାଏ ।



ଟିପ୍ପଣୀ

ଉଦାହରଣ ସ୍ୱରୂପ ବସ୍ତୁତ୍ୱ ଓ ଆୟତନ ହେଉଛନ୍ତି ବ୍ୟାପକ ଧର୍ମ କିନ୍ତୁ ସାନ୍ଦ୍ରତା (ଏକକ ଆୟତନରେ ଥିବା ବସ୍ତୁତ୍ୱ) ଏବଂ ଆପେକ୍ଷିକ ଆୟତନ (ଏକକ ବସ୍ତୁତ୍ୱର ଆୟତନ) ହେଉଛନ୍ତି ମାତ୍ରା ସ୍ୱତନ୍ତ୍ର ଧର୍ମ ।

## 11.1.4 ପ୍ରଣାଳୀମାନଙ୍କରର ପ୍ରକାର ଭେଦ

ଆସ ପ୍ରଥମେ ପ୍ରଣାଳୀର ଅର୍ଥ ବୁଝିବା ।

ମନେ କରାଯାଉ ଆମେ ଏକ ବ୍ୟବସ୍ଥାର ତାପ ବୃଦ୍ଧି କରିବାକୁ ଚାହୁଁ । ବ୍ୟବସ୍ଥାକୁ ଗରମ କରି ଆମେ ଏହା କହିପାରିବା । ଏକ୍ଷେତ୍ରରେ ଗରମ କରିବା ପ୍ରକ୍ରିୟାକୁ ପ୍ରଣାଳୀ କୁହାଯାଏ ।

**ଯେଉଁ ଉପାୟରେ ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଏ ତାହାକୁ ପ୍ରଣାଳୀ କୁହାଯାଏ ।**

ପ୍ରଣାଳୀ ବିଭିନ୍ନ ପ୍ରକାର ହୋଇପାରେ । ଏହା ନିମ୍ନରେ ବ୍ୟାଖ୍ୟା କରାଗଲା

**(i) ସମୋଷ୍ମ ପ୍ରକିୟା :** ବରଫ 273K ଏବଂ 1 atm ଚାପରେ ତରଳି ଥାଏ । ଯେତେବେଳେ ପର୍ଯ୍ୟନ୍ତ ଏ ପ୍ରକ୍ରିୟା ଚାଲିଥାଏ ତାପର କୌଣସି ପରିବର୍ତ୍ତନ ହୁଏନାହିଁ । ଏଭଳି ପ୍ରକିୟାକୁ ସମୋଷ୍ମ ପ୍ରକ୍ରିୟା କୁହାଯାଏ ।

**ସଂଜ୍ଞା : ବିଭିନ୍ନ ପ୍ରକାର ପ୍ରଚାଳନ ସମୟରେ ଯଦି ବ୍ୟବସ୍ଥାର ତାପମାତ୍ରାରେ କୌଣସି ପରିବର୍ତ୍ତନ ହୁଏନାହିଁ ତେବେ ସେ ପ୍ରକିୟାକୁ ସମୋଷ୍ମ ପ୍ରକିୟା କୁହାଯାଏ । ବ୍ୟବସ୍ଥାରୁ କିଛି ତାପ ବାହାର କଲେ କିମ୍ବା ବ୍ୟବସ୍ଥାକୁ କିଛି ତାପ ପ୍ରୟୋଗ କଲେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥାଏ ।**

**(ii) ରୁଦ୍ଧୋଷ୍ମ ପ୍ରକ୍ରିୟା :** ଗୋଟିଏ ଅମ୍ଳ ଓ ଗୋଟିଏ କ୍ଷାରକୁ ମିଶାଇ ଯଦି ବନ୍ଦ ଥର୍ମୋଫ୍ଲାସ୍କ ମଧ୍ୟରେ ରଖାଯାଏ ତେବେ ନିର୍ଗତ ତାପକୁ ବ୍ୟବସ୍ଥା ଧରି ରଖେ । ଏଭଳି ପ୍ରକ୍ରିୟାକୁ ରୁଦ୍ଧୋଷ୍ମ ପ୍ରକିୟା କୁହାଯାଏ । କାରଣ ଥର୍ମୋଫ୍ଲାସ୍କ ବ୍ୟବସ୍ଥା ଓ ପରିବେଶ ମଧ୍ୟରେ ତାପ ବିନିମୟ ହେବାକୁ ଦିଏନାହିଁ ।

**ସଂଜ୍ଞା : ଯେଉଁ ପ୍ରକ୍ରିୟାରେ ବ୍ୟବସ୍ଥା ଓ ପରିବେଶ ମଧ୍ୟରେ ତାପ ବିନିମୟ ହୁଏନାହିଁ ସେଭଳି ପ୍ରକିୟାକୁ ରୁଦ୍ଧୋଷ୍ମ ପ୍ରକ୍ରିୟା କୁହାଯାଏ । ଅର୍ଥାତ୍ ରୁଦ୍ଧୋଷ୍ମ ପ୍ରକ୍ରିୟାରେ ସର୍ବଦା ତାପମାତ୍ରାରେ ପରିବର୍ତ୍ତନ ହୋଇଥାଏ ।**

**(iii) ବିପରୀତ ମୁଖୀ ପ୍ରକିୟା :** ଏହି ପ୍ରକ୍ରିୟାରେ ପ୍ରାରମ୍ଭିକ ସ୍ଥିତି ଓ ଅନ୍ତିମ ସ୍ଥିତି ଏକ ନିରବଚ୍ଛିନ୍ନ ସାମ୍ୟବସ୍ଥା ଦ୍ୱାରା ସଂଯୁକ୍ତ ହୋଇଥାନ୍ତି । ପ୍ରକ୍ରିୟାର ଯେକୌଣସି ଅଂଶରେ ଯାହାସବୁ ପରିବର୍ତ୍ତନ ହୁଏ, ପ୍ରକ୍ରିୟା ବିପରୀତ ଦିଗରେ ଗତିକଲେ ସମସ୍ତ ପରିବର୍ତ୍ତନ ସଂପୂର୍ଣ୍ଣ ଭାବରେ ଓଲଟିଯାଏ । ଯେତେବେଳେ କୌଣସି ଏକ ପ୍ରକିୟା ସଂଘଟିତ ହୁଏ ଏବଂ ପୁନଶ୍ଚ ପୂର୍ବାବସ୍ଥାକୁ ଫେରିଆସେ ସେତେବେଳେ ଉଭୟ ଅବସ୍ଥା ଓ ପରିବେଶ ପୂର୍ବାବସ୍ଥାକୁ ଫେରିଯାଆନ୍ତି ।

ଆସ ଏକ ଉଦାହରଣ ମାଧ୍ୟମରେ ବୁଝିବାକୁ ଚେଷ୍ଟାକରିବା । କୌଣସି ଏକ ତରଳକୁ ଘର୍ଷଣ ରହିତ ପିଷ୍ଟନ ଦ୍ୱାରା ସଂଯୁକ୍ତ ଏକ ସିଲିଣ୍ଡର ମଧ୍ୟରେ ରଖାଗଲେ ତରଳ ଓ ତାର ବାଷ୍ପ ମଧ୍ୟରେ ସାମ୍ୟବସ୍ଥା ସୃଷ୍ଟିହୁଏ । ଏହି ସିଲିଣ୍ଡରକୁ ନିର୍ଦ୍ଦିଷ୍ଟ ତାପମାତ୍ରାରେ ଥିବା ଏକ ପାତ୍ର ମଧ୍ୟରେ ପ୍ରବେଶ କରାଯାଇ (ଚିତ୍ର 11.3) ଯଦି ପିଷ୍ଟନ ଉପରେ ନଗନ୍ୟ ପରିମାଣର ଚାପ ବୃଦ୍ଧି କରାଯାଏ, ତେବେ ବାଷ୍ପ ଘନୀଭୂତ ହୁଏ । ଏହି ଘନୀଭବନ ସଂପୂର୍ଣ୍ଣ ମନ୍ଥର ଗତିରେ ହେଉଥିବାରୁ ନିର୍ଗତ ତାପକୁ ତାପ ମାନପାତ୍ର ଗ୍ରହଣ କରିନିଏ ଏବଂ ବ୍ୟବସ୍ଥାର ତାପମାତ୍ରାରେ କୌଣସି ପରିବର୍ତ୍ତନ ହୁଏନାହିଁ, ତେଣୁ ତରଳ ଉପରେ ଚାପର ପ୍ରଭାବ ସ୍ଥିର ରୁହେ । ଯଦିଓ ଘନୀଭବନ ସଂଘଟିତ ହେଉଛି ତଥାପି ଯେକୌଣସି ମୁହୂର୍ତ୍ତରେ ବ୍ୟବସ୍ଥାରେ ସାମ୍ୟବସ୍ଥା ବଜାୟ ରୁହେ । ଯଦି ବାହ୍ୟଚାପର ପରିମାଣ ତରଳର ବାଷ୍ପ ଚାପଠାରୁ ସାମାନ୍ୟ କମ୍ ହୁଏ, ତେବେ ତରଳ ଅତି ମନ୍ଥର ଗତିରେ ବାଷ୍ପିଭୂତ ହେବ ଏବଂ ତାପ ଓ ଚାପର କୌଣସି ପରିବର୍ତ୍ତନ ହେବ ନାହିଁ ।










**ଚିତ୍ର 11.3 : (ବିପରୀତମୁଖୀ ପ୍ରଣାଳୀ)**

**ସଂଜ୍ଞା :** ଯେଉଁ ପ୍ରକ୍ରିୟାରେ ପରିବର୍ତ୍ତନ ଏଭଳି ମନ୍ଥର ଗତିରେ ହୁଏ ଯେ ବ୍ୟବସ୍ଥା ଓ ପରିବେଶ ସର୍ବଦା ସାମ୍ୟବସ୍ଥା ବଜାୟ ରହେ ସେଭଳି ପ୍ରକ୍ରିୟାକୁ ବିପରୀତମୁଖୀ ପ୍ରକିୟା କୁହାଯାଏ ।

**(iv) ଏକମୁଖୀ ପ୍ରକ୍ରିୟା :** ଉପରୋକ୍ତ ଉଦାହରଣରେ ଯଦି ବାହ୍ୟଚାପର ଅପ୍ରତ୍ୟାଶୀତ ବୃଦ୍ଧି ବା ହ୍ରାସ ହୁଏ ତେବେ ଦ୍ରୁତ ଘନୀଭବନ ବା ବାଷ୍ପୀଭବନ ସଂଘଟିତ ହୋଇଥାଏ । ଏଭଳି ପରିସ୍ଥିତିରେ ବ୍ୟବସ୍ଥାର ଚାପ ଓ ତାପ ମଧ୍ୟରେ ସାମଞ୍ଜସ୍ୟ ରହିବ ନାହିଁ ଏବଂ ସାମ୍ୟବସ୍ଥାରେ ନଷ୍ଟ ହୋଇଯିବ । ଏଭଳି ପ୍ରକ୍ରିୟାକୁ ଏକମୁଖୀ ପ୍ରକିୟା କୁହାଯାଏ ।

## 11.1.5 ମାନକ ଅବସ୍ଥା

ଯେକୌଣସି ବ୍ୟବସ୍ଥାକୁ ତାର ଅବସ୍ଥା ପରିବର୍ତ୍ତନାଙ୍କ ମାଧ୍ୟମରେ ବର୍ଣ୍ଣନା କରାଯାଏ । ବିଭିନ୍ନ ପ୍ରକାର ଯୌଗିକର ଶକ୍ତି ମଧ୍ୟରେ ତୁଳନା କରିବା ପାଇଁ ମାପକ ସର୍ତ୍ତଗୁଚ୍ଛକୁ ବିଚାରକୁ ନିଆଯାଏ । ବସ୍ତୁ ଯେତେବେଳେ ସଂପୂର୍ଣ୍ଣ ସ୍ଥାୟୀ ଅବସ୍ଥାରେ ଥାଏ ସେତେବେଳେ ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ଚାପର ପରିମାଣ ହେଉଛି 1 ବାର ।

## 11.2 ତାପଉତ୍ପାଦୀ ଓ ତାପଶୋଷୀ ପ୍ରତିକ୍ରିୟା

(i) ପରୀକ୍ଷା ନଳୀ ଭିତରେ ଥିବା କଣୀକୃତ ଦସ୍ତା ମଧ୍ୟକୁ ଯଦି ଲଘୁ ଗନ୍ଧକାମ୍ଳ ଢ଼ଳାଯାଏ ତେବେ ଏକ ବାଷ୍ପ ନିର୍ଗତ ହୁଏ । ପରୀକ୍ଷା ନଳୀକୁ ସ୍ପର୍ଶ କଲେ ତାହା ଗରମ ଲାଗେ ।

(ii) ତୁମେ ଲକ୍ଷ୍ୟକରୁଥିବ ଯେ ଚୂନପଥରକୁ ଜଳରେ ପକାଇ ଚୂନପାଣିର ଦ୍ରବଣ ପ୍ରସ୍ତୁତ ସମୟରେ ପ୍ରଚୁର ପରିମାଣର ତାପ ସୃଷ୍ଟିହୁଏ ।

(iii) ରନ୍ଧନ ଗ୍ୟାସ ଓ କୋଇଲା ଭଳି ଜାଳେଣୀର ଦହନ ସମୟରେ ଆଲୋକ ସହିତ ତାପଶକ୍ତି ମଧ୍ୟ ଉତ୍ପନ୍ନ ହୁଏ । ବହୁତ ରାସାୟନିକ ପ୍ରତିକ୍ରିୟା ସମୟରେ ତାପଶକ୍ତି ଉତ୍ପନ୍ନ ହୁଏ ଏବଂ ତାହା ପରିବେଶକୁ ଚାଲିଯାଏ । ଏହିଭଳି ପ୍ରତିକ୍ରିୟାକୁ ତାପଉତ୍ପାଦୀ ପ୍ରତିକ୍ରିୟା କୁହାଯାଏ ।

**ସଂଜ୍ଞା : ଯେଉଁ ପ୍ରତିକ୍ରିୟାରେ ତାପଶକ୍ତି ଉତ୍ପନ୍ନ ହୁଏ ସେଭଳି ପ୍ରତିକ୍ରିୟାକୁ ତାପଉତ୍ପାଦୀ ପ୍ରତିକ୍ରିୟା କୁହାଯାଏ ।**



ଟିପ୍ପଣୀ

ଆସ ବର୍ତ୍ତମାନ ନିମ୍ନୋକ୍ତ ପ୍ରତିକ୍ରିୟା ବିଷୟରେ ଆଲୋଚନା କରିବା ।

(i) ଗୋଟିଏ ପରୀକ୍ଷା ନଳୀରେ ଅଳ୍ପକିଛି କଠିନ ଆମୋନିୟମ କ୍ଲୋରାଇଡ୍ ନେଇ ସେଥିରେ କିଛି ପାଣି ମିଶାଯାଉ ଏବଂ ପରୀକ୍ଷାନଳୀକୁ ଭଲ ଭାବରେ ଘୁରାଯାଉ । ବର୍ତ୍ତମାନ ପରୀକ୍ଷାନଳୀକୁ ସ୍ପର୍ଶ କଲେ ହାତକୁ ଥଣ୍ଡା ଲାଗିବ ।

(ii) ପୂର୍ବପରି ପରୀକ୍ଷା ନଳୀରେ ପୋଟାସିୟମ୍ ନାଇଟ୍ରେଟ୍ ନେଇ ଉପରୋକ୍ତ ପରୀକ୍ଷା କରାଯାଉ । ବର୍ତ୍ତମାନ ପରୀକ୍ଷାନଳୀକୁ ସ୍ପର୍ଶ କଲେ ହାତକୁ ମଧ୍ୟ ଥଣ୍ଡା ଲାଗିବ ।

(iii) ଗୋଟିଏ ପରୀକ୍ଷାନଳୀରେ ବେରିୟମ ହାଇଡ୍ରୋକସାଇଡ୍‌ର ଦ୍ରବଣ ନେଇ ସେଥିରେ ଅଳ୍ପ ପରିମାଣର ଆମୋନିୟମ୍ କ୍ଲୋରାଇଡ୍ ମିଶାଯାଉ । ଏ କ୍ଷେତ୍ରରେ ମଧ୍ୟ ପରୀକ୍ଷା ନଳୀକୁ ସ୍ପର୍ଶ କଲେ ହାତକୁ ଥଣ୍ଡା ଲାଗିବ ।

ଉପର ବର୍ଣ୍ଣିତ ସମସ୍ତ ପ୍ରକ୍ରିୟାରେ ବ୍ୟବସ୍ଥା ଦ୍ୱାରା ପରିବେଶରୁ ତାପଶକ୍ତି ବିଶୋଷିତ ହୁଏ । ଏଭଳି ପ୍ରତିକ୍ରିୟାକୁ ତାପଶୋଷୀ ପ୍ରତିକ୍ରିୟା କୁହାଯାଏ ।

**ସଂଜ୍ଞା : ଯେଉଁ ପ୍ରତିକ୍ରିୟା ସମୟରେ ପରିବେଶରୁ ତାପଶକ୍ତି ବିଶୋଷିତ ହୁଏ ସେଭଳି ପ୍ରତିକ୍ରିୟାକୁ ତାପଶୋଷୀ ପ୍ରତିକ୍ରିୟା କୁହାଯାଏ ।**

## 11.3 ତାପ ରାସାୟନିକ ସମୀକରଣ

ରାସାୟନିକ ପ୍ରତିକ୍ରିୟାର ସମୀକରଣ ସହ ତୁମେ ଭଲଭାବରେ ପରିଚିତ । ଯଦି ରାସାୟନିକ ସମୀକରଣରେ ତାପଶକ୍ତିର ପରିବର୍ତ୍ତନ, ପ୍ରତିକାରକ ଏବଂ ଉତ୍ପାଦର ଅବସ୍ଥା ଦର୍ଶାଯାଇଥାଏ ତେବେ ସେଭଳି ସମୀକରଣକୁ ତାପ ରାସାୟନିକ ସମୀକରଣ କୁହାଯାଏ । ଏଭଳି ସମୀକରଣ ଲେଖିବା ସମୟରେ ନିମ୍ନୋକ୍ତ ପରମ୍ପରାକୁ ଅନୁସରଣ କରାଯାଇଥାଏ ।

(i) କୌଣସି ଏକ ପ୍ରତିକ୍ରିୟାରେ କେତେ ପରିମାଣର ତାପଶକ୍ତି ନିର୍ଗତ ହେବ ବା ବିଶୋଷିତ ହେବ ତାହା ପ୍ରତିକାରକ ବସ୍ତୁର ଭୌତିକ ଅବସ୍ଥା ଉପରେ ନିର୍ଭର କରେ । ତେଣୁ ଗ୍ୟାସ, ତରଳ ଓ ଘନର ଅବସ୍ଥା ଦର୍ଶାଇବା ପାଇଁ ରାସାୟନିକ ସଂକେତ ପାଖରେ (g), (l) ଓ (s) ଲେଖାଯାଏ ।

ଉଦାହରଣ ସ୍ୱରୂପ, ଅମ୍ଳଜାନର ଉପସ୍ଥିତିରେ ମିଥେନ୍‌ର ଦହନକୁ ନିମ୍ନୋକ୍ତ ସମୀକରଣ ଦ୍ୱାରା ପ୍ରକାଶ କରାଯାଇଥାଏ ।

$$CH_4(g) + 2O_2(g) \rightarrow CO_2(g) + 2H_2O\ (l) + \text{heat}$$

ତାପ ରାସାୟନିକ ସମୀକରଣ ଲେଖିବା ସମୟରେ ଯେଉଁ ପରିମାଣରେ ତାପଶକ୍ତି ନିର୍ଗତ ବା ବିଶୋଷିତ ହୋଇଥାଏ ତାହା $\Delta H$ ପ୍ରତୀକ ଦ୍ୱାରା ଦର୍ଶାଯାଇଥାଏ । ରାସାୟନିକ ସମୀକରଣ ଲେଖିସାରିବା ପରେ 2ୟ ଛେଦ ଚିହ୍ନ ଦେଇ $\Delta H$ ଲେଖାଯାଏ । ତାପଉତ୍ପାଦୀ ପ୍ରତିକ୍ରିୟା ପାଇଁ $\Delta H$ – Ve ଏବଂ ତାପଶୋଷୀ ପ୍ରତିକ୍ରିୟା ପାଇଁ $\Delta H$ + Ve ।

ଉଦାହରଣ ସ୍ୱରୂପ ଯେକୌଣସି ତାପଉତ୍ପାଦୀ ପ୍ରତିକ୍ରିୟା ନିମ୍ନୋକ୍ତ ପ୍ରଣାଳୀରେ ଲେଖାଯାଇପାରିବ ।

$CH_4(g) + 2O_2(g) \rightarrow CO_2(g) + 2H_2O\ (l)\ ;\ \Delta H = -\ 891\ kJ$ ଓ

ତାପଶୋଷୀ ପ୍ରତିକ୍ରିୟା ନିମ୍ନୋକ୍ତ ପ୍ରଣାଳୀରେ ପ୍ରକାଶ କରାଯାଏ ।

$H_2(g) + I_2\ (g) \rightarrow 2HI\ (g);\ \Delta H = 52.2\ kJ$

(ii) ଯେଉଁ ସବୁ ମୌଳିକ ଅପରରୂପତା ଦର୍ଶାଇଥାନ୍ତି ସେମାନଙ୍କର ନାମ ପାଖରେ ଅପର ରୂପର ରୂପାନ୍ତର ଦର୍ଶାଯାଇଥାଏ ।

ଯଥା : C (ଗ୍ରାଫାଇଟ୍), C (ଡାଏମଣ୍ଡ) ଇତ୍ୟାଦି

(iii) ଜଳୀୟ ଦ୍ରବଣକୁ ଚିହ୍ନିବା ପାଇଁ aq ପ୍ରତୀକ ବ୍ୟବହାର କରାଯାଏ । ଉଦାହରଣ ସ୍ୱରୂପ NaCl(aq), NaCl ର ଜଳୀୟ ଦ୍ରବଣକୁ ବୁଝାଇଥାଏ ।

(iv) ଯଦି ଆବଶ୍ୟକ ପଡ଼େ ତାପ ରାସାୟନିକ ସମୀକରଣକୁ ସନ୍ତୁଳିତ କରିବା ସମୟରେ ଭଗ୍ନାଂଶ ଗୁଣକର ମଧ୍ୟ ବ୍ୟବହାର କରାଯାଇପାରେ । ରାସାୟନିକ ସମୀକରଣର ବସ୍ତୁମାନଙ୍କର ଗୁଣାଙ୍କ ବସ୍ତୁର ମୋଲ ପରିମାଣକୁ ବୁଝାଇଥାଏ । $\Delta H$ ର ମୂଲ୍ୟ ମୋଲ ପରିମାଣ ଉପରେ ନିର୍ଭର କରେ ।

(v) ଯଦି ଗୁଣାଙ୍କକୁ କୌଣସି ଏକ ରାଶିଦ୍ୱାରା ଗୁଣାଯାଏ ବା ବିଭାଜନ କରାଯାଏ ତେବେ $\Delta H$ ର ମୂଲ୍ୟକୁ ମଧ୍ୟ ସେହି ରାଶିଦ୍ୱାରା ଗୁଣାଯାଏ ବା ବିଭାଜନ କରାଯାଏ । ଏଭଳି କ୍ଷେତ୍ରରେ $\Delta H$ ର ମୂଲ୍ୟ ଗୁଣାଙ୍କର ମାନ ଉପରେ ନିର୍ଭର କରେ ।

ଉଦାହରଣ :

$$H_2(g) + \frac{1}{2}O_2(g) \rightarrow H_2O\ (g);\ \Delta H = -242\,kJ$$

ସମୀକରଣର ଗୁଣାଙ୍କକୁ ଯଦି 2 ଦ୍ୱାରା ଗୁଣାଯାଏ ତେବେ ନିମ୍ନୋକ୍ତ ସମୀକରଣ ଉପଲବ୍ଧ ହେବ ।

$$2H_2(g) + O_2(g) \rightarrow 2H_2O(g);\ \Delta H = -484\,kJ$$

## 11.4 ତାପଗତିକ ବିଜ୍ଞାନର ପ୍ରଥମ ନିୟମ

ତୁମେ ଜାଣ ଯେ ରାସାୟନିକ ପ୍ରତିକ୍ରିୟା ବେଳେ ଶକ୍ତିର ପରିବର୍ତ୍ତନ ହୋଇଥାଏ । ଏହି ପରିବର୍ତ୍ତନକୁ ଆମେ କିପରି ଭାବରେ ନିର୍ଣ୍ଣୟ କରିପାରିବା ? ତୁମେ ଜାଣ ଶକ୍ତିର ସୃଷ୍ଟି ଅଥବା ବିଲୟ ହୁଏନାହିଁ । ଶକ୍ତି କେବଳ ଗୋଟିଏ ପ୍ରକାରରୁ ଅନ୍ୟ ଏକ ପ୍ରକାରକୁ ପରିବର୍ତ୍ତିତ ହୋଇଥାଏ । ବର୍ଷବର୍ଷ ଧରି ବୈଜ୍ଞାନିକମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଏହି ସିଦ୍ଧାନ୍ତକୁ ତାପଗତିକ ବିଜ୍ଞାନର ପ୍ରଥମ ନିୟମ କୁହାଯାଏ । ବିଭିନ୍ନ ପରିସ୍ଥିତିରେ ଏହି ନିୟମ ବୈଧ ଅଟେ ।

**ସଂଜ୍ଞା :** ଶକ୍ତିକୁ ସୃଷ୍ଟି କିମ୍ବା ବିଲୟ କରାଯାଇପାରିବ ନାହିଁ । ବିଶ୍ୱ ବ୍ରହ୍ମାଣ୍ଡ ବା ବିଚ୍ଛିନ୍ନ ବ୍ୟବସ୍ଥାର ମୋଟ୍ ଶକ୍ତି ସର୍ବଦା ଅପରବର୍ତ୍ତନୀୟ ।

ଗାଣିତିକ ଭାଷାରେ ତାପଗତିକ ବିଜ୍ଞାନର ପ୍ରଥମ ନିୟମ ନିମ୍ନରେ ପ୍ରଦତ୍ତ ହେଲା ।

$$\Delta U = q + w \qquad \text{... (11.1)}$$

ଯେତେବେଳେ $\Delta U =$ ଆଭ୍ୟନ୍ତରୀଣ ଶକ୍ତିର ପରିବର୍ତ୍ତନ

$q =$ ବ୍ୟବସ୍ଥା ଦ୍ୱାରା ଗ୍ରହଣ କରାଯାଇଥିବା ତାପ

$w =$ ବ୍ୟବସ୍ଥା ଉପରେ କରାଯାଇଥିବା କାର୍ଯ୍ୟ

ଉପରୋକ୍ତ ଶବ୍ଦାବଳୀର ବିଶ୍ଳେଷଣ ନିମ୍ନରେ ପ୍ରଦତ୍ତ ହେଲା ।

### 11.4.1 ଆଭ୍ୟନ୍ତରୀଣ ଶକ୍ତି (U)

ପ୍ରତ୍ୟେକ ବ୍ୟବସ୍ଥାର ନିର୍ଦ୍ଦିଷ୍ଟ ପରିମାଣର ଆଭ୍ୟନ୍ତରୀଣ ଶକ୍ତି ରହିଛି । ବିଭିନ୍ନ ପଦାର୍ଥ ପାଇଁ ଏହାର ପରିମାଣ ଭିନ୍ନ । ଆଭ୍ୟନ୍ତରୀଣ ଶକ୍ତି, ଅଣୁର ସ୍ଥାନାନ୍ତରଣ ଶକ୍ତି, କାମ୍ପନିକ ଶକ୍ତି ଓ ଘୂର୍ଣ୍ଣନ ଶକ୍ତି, ଇଲେକ୍‌ଟ୍ରନ୍ ଓ ନିଉକ୍ଲିୟସର ଶକ୍ତିର ସମାହାର ।

**ସଂଜ୍ଞା :** ବ୍ୟବସ୍ଥାରେ ଥିବା ସମସ୍ତ ଅଣୁ, ପରମାଣୁ ଓ ଆୟନର ଶକ୍ତିର ସମାହାରକୁ ଆଭ୍ୟନ୍ତରୀଣ ଶକ୍ତି କୁହାଯାଏ ।

ଆଭ୍ୟନ୍ତରୀଣ ଶକ୍ତି ହେଉଛି ଏକ ଅବସ୍ଥା ପରିବର୍ତ୍ତାନଙ୍କ । ଏହାର ପରମ ମୂଲ୍ୟ ନିର୍ଦ୍ଧାରଣ କରିବା ସମ୍ଭବ ନୁହେଁ । କିନ୍ତୁ ଏହି ଶକ୍ତିର ପରିବର୍ତ୍ତନର ମୂଲ୍ୟ ନିର୍ଦ୍ଧାରଣ କରାଯାଇପାରିବ । ଯଦି ବ୍ୟବସ୍ଥାର ପ୍ରାରମ୍ଭିକ ଅବସ୍ଥାର ଆଭ୍ୟନ୍ତରୀଣ ଶକ୍ତି $U_1$ ଓ ଅନ୍ତିମ ଅବସ୍ଥାର ଶକ୍ତି $U_2$ ହୁଏ ତେବେ ଆଭ୍ୟନ୍ତରୀଣ ଶକ୍ତିର ପରିବର୍ତ୍ତନ ( $\Delta U$ ), ଯାହା ସ୍ଥିତିର ପ୍ରାରମ୍ଭିକ ଅବସ୍ଥାରୁ ଅନ୍ତିମ ଅବସ୍ଥାରେ ପହଞ୍ଚିବାର ପଥ ଉପରେ ନିର୍ଭର କରେନାହିଁ । ଏହି ପରିବର୍ତ୍ତନକୁ ଆମ୍ଭେ ନିମ୍ନୋକ୍ତ ସମୀକରଣ ଦ୍ୱାରା ପ୍ରକାଶ କରାଯାଇପାରିବ ।

$$\Delta U = U_2 - U_1 \qquad \text{... (11.1)}$$

ବ୍ୟବସ୍ଥାର ଆଭ୍ୟନ୍ତରୀଣ ଶକ୍ତି ଦୁଇଟି ଉପାୟରେ ପରିବର୍ତ୍ତନ କରାଯାଇପାରିବ ।

ଟିପ୍ପଣୀ

(i) ବ୍ୟବସ୍ଥା ମଧ୍ୟକୁ ତାପର ପ୍ରବେଶ କିମ୍ବା ବ୍ୟବସ୍ଥା ମଧ୍ୟରୁ ତାପର ନିଷ୍କାସନ ଏବଂ

(ii) ବ୍ୟବସ୍ଥା ଉପରେ କିଛି କାର୍ଯ୍ୟ ସଂପାଦାନ ହେଲେ କିମ୍ବା ବ୍ୟବସ୍ଥା ଦ୍ୱାରା କିଛି କାର୍ଯ୍ୟ ସଂମାଦିତ ହେଲେ

## 11.4.2 ତାପ (q) ଏବଂ କାର୍ଯ୍ୟ (w)

ତାପ ଓ କାର୍ଯ୍ୟ ଅବସ୍ଥା ପରିବର୍ତ୍ତନାଙ୍କ ନୁହଁନ୍ତି । କାରଣ ଉଭୟ q ଏବଂ w ର ମୂଲ୍ୟ ପରିବର୍ତ୍ତନର ପଥ ଉପରେ ନିର୍ଭର କରନ୍ତି । ଯେହେତୁ ଆଲୋଚିତ ନିୟମ ତାପ ଓ କାର୍ଯ୍ୟର ସ୍ଥାନାନ୍ତରିତ ସହିତ ଜଡ଼ିତ ତେଣୁ ଏହିସବୁ ରାଶିମାନଙ୍କୁ ଚିହ୍ନିତ କରିବାପାଇଁ (+) କିମ୍ବା ବିଯୁକ୍ତ (–) ଚିହ୍ନର ସାହାଯ୍ୟ ନିଆଯାଏ ।

ବ୍ୟବସ୍ଥାର ଯେଉଁ ତାପ ପ୍ରୟୋଗ କରାଯାଏ ଏବଂ ବ୍ୟବସ୍ଥା ଉପରେ ଯେଉଁ କାର୍ଯ୍ୟ ସଂପାଦାନ କରାଯାଏ ତାହାକୁ ଯୁକ୍ତ (+) ଚିହ୍ନ ଦ୍ୱାରା ସୂଚିତ କରାଯାଏ । ସେହିପରି ବ୍ୟବସ୍ଥା ଯେଉଁ ତାପ ନିଷ୍କାସନ କରେ ଏବଂ ବ୍ୟବସ୍ଥା ଦ୍ୱାରା ଯେଉଁ କାର୍ଯ୍ୟ ସଂପାଦିତ ହୁଏ ତାହାକୁ ବିଯୁକ୍ତ (–) ଚିହ୍ନଦ୍ୱାରା ସୂଚିତ କରାଯାଏ ।

ଆସ ଏହାକୁ ଉଦାହରଣ ଦ୍ୱାରା ବ୍ୟାଖ୍ୟା କରିବା :

ଯଦି କୌଣସି ପରିବର୍ତ୍ତନ 50 kJ ତାପ ଗ୍ରହଣକରେ ଏବଂ ଏଥିରୁ 30 kJ କାର୍ଯ୍ୟ କରିବା ପାଇଁ ଖର୍ଚ୍ଚ ହୁଏ ତେବେ ତାହା ନିମ୍ନୋକ୍ତ ଉପାୟରେ ପ୍ରକାଶ କରାଯାଏ ।

$q = +50$ kJ

$w = -30$ kJ

$\therefore$ ଆଭ୍ୟନ୍ତରୀଣ ଶକ୍ତିର ପରିବର୍ତ୍ତନ $= +50\text{ kJ} + (-30\text{kJ}) = 20\text{ kJ}$

## 11.4.3 ସଂପ୍ରସାରଣ କାର୍ଯ୍ୟ

ଯଦି ଚାପ (p) ସ୍ଥିର ରଖି ବ୍ୟବସ୍ଥାର ଆୟତନ $V_1$ ରୁ $V_2$ କୁ ପରିବର୍ତ୍ତନ କରାଯାଏ ତେବେ ବ୍ୟବସ୍ଥା ଦ୍ୱାରା ସଂପାଦିତ କାର୍ଯ୍ୟ ନିମ୍ନୋକ୍ତ ସମୀକରଣ ଦ୍ୱାରା ପ୍ରକାଶ କରାଯାଏ ।

$$w = -p(V_2 - V_1) = -p\Delta V \qquad (11.2)$$

ଯେହେତୁ ବ୍ୟବସ୍ଥା ଦ୍ୱାରା କାର୍ଯ୍ୟ ସଂପାଦିତ ହେଉଛି ତେଣୁ w ପାଇଁ ବିଯୁକ୍ତ (–) ଚିହ୍ନ ନିଆଯାଇଛି । ଉପରୋକ୍ତ ସମୀକରଣରେ ଯଦି w ର ମାନ ପ୍ରୟୋଗ କରାଯାଏ ତେବେ ଆଉ ଏକ ସମୀକରଣ ଉପଲବ୍ଧ ହୁଏ ।

$$\Delta U - q = -p\,\Delta V$$

$$\Rightarrow \Delta U = q - p\,\Delta V \qquad (11.3)$$

ଯଦି କାର୍ଯ୍ୟ ସଂପାଦାନ ବେଳେ ଆୟତନର କୌଣସି ପରିବର୍ତ୍ତନ ନଘଟେ, ଅର୍ଥାତ୍ ଆୟତନ ଅପରିବର୍ତ୍ତନୀୟ ରହେ, ତେବେ $\Delta V = 0$

$$\therefore\ \Delta U = q_V \qquad (11.4)$$

ଏଠାରେ $q_V$ ସୂଚୀତ କରେ ଯେ ଆୟତନ ସ୍ଥିର ଅଛି ।

ସମୀକରଣ (11.4 )ସୂଚୀତ କରୁଛି ଯେ ଆୟତନ ସ୍ଥିର ରଖି ଯଦି ବ୍ୟବସ୍ଥା ଦ୍ୱାରା ଗ୍ରହଣ କରାଯାଉଥିବା କିମ୍ବା ନିଷ୍କାସନ ହେଉଥିବା ତାପ ମପାଯାଇ ପାରିବ ତେବେ ଆଭ୍ୟନ୍ତରୀଣ ଶକ୍ତିର ପରିବର୍ତ୍ତନ ନିର୍ଣ୍ଣୟ କରାଯାଇପାରିବ । ରସାୟନ ବିଜ୍ଞାନରେ ବିଭିନ୍ନ ପ୍ରକାର ରାସାୟନିକ ପ୍ରତିକ୍ରିୟା ସାଧାରଣତଃ ସ୍ଥିର ଚାପମାତ୍ରାରେ (ବାୟୁମଣ୍ଡଳ ଚାପ) କରାଯାଇଥାଏ । ସେ କ୍ଷେତ୍ରରେ ଆମେ କ'ଣ କରିବା ? ଆସ ଆମେ ଆଉ ଏକ ଅବସ୍ଥା ପରିବର୍ତ୍ତନାଙ୍କ (ଯାହାକୁ ଏନ୍‌ଥାଲପି କୁହାଯାଏ) ବିଷୟରେ ଆଲୋଚନା କରିବା ।

## 11.4.4 ଏନ୍‌ଥାଲପି (H)

ସଂଜ୍ଞା : ସ୍ଥିର ଚାପମାତ୍ରାରେ ବ୍ୟବସ୍ଥା ଦ୍ୱାରା ଗ୍ରହଣ କରାଯାଉଥିବା କିମ୍ବା ନିଷ୍କାସିତ ହେଉଥିବା ତାପ ନିର୍ଣ୍ଣୟ କରିବା ପାଇଁ ଏକ ନୂତନ ଅବସ୍ଥା ପରିବର୍ତ୍ତନାଙ୍କର ସାହାଯ୍ୟ ନିଆଯାଏ, ଯାହାକୁ ଏନ୍‌ଥାଲପି କୁହାଯାଏ । ଏହାକୁ ପ୍ରତୀକ H ଦ୍ୱାରା ସୂଚୀତ କରାଯାଏ ।

H ର U, P ଏବଂ V ସହିତ ଥିବା ସଂପର୍କକୁ ନିମ୍ନୋକ୍ତ ସମୀକରଣ ଦ୍ୱାରା ପ୍ରକାଶ କରାଯାଏ ।

$H = U + PV$....................................(11.5)

ଏନ୍‌ଥାଲପି ପରିବର୍ତ୍ତନକୁ ପ୍ରତୀକ $\Delta H$ ଦ୍ୱାରା ପ୍ରକାଶ କରାଯାଏ ।

$$\Delta H = H_2 - H_1$$

ଯେତେବେଳେ $H_1$ ଓ $H_2$ ଯଥାକ୍ରମେ ବ୍ୟବସ୍ଥାର ପ୍ରାରମ୍ଭିକ ଓ ଅନ୍ତିମ ଏନ୍‌ଥାଲପିକୁ ବୁଝାଇଥାଏ ।

$$\Delta H = \Delta U + \Delta (PV)$$

$\Rightarrow \Delta H = \Delta U + P\Delta V + V\Delta P$ ....................................(11.6)

ଯଦି ଉପରୋକ୍ତ ପରିବର୍ତ୍ତନ ସ୍ଥିର ଚାପମାତ୍ରାରେ କରାଯାଏ ତେବେ $\Delta P = 0$

$\therefore \Delta H = \Delta U + P\Delta V$ (ସ୍ଥିର ଚାପମାତ୍ରା) ...................(11.7)

ସମୀକରଣ (11.7)ରେ ଯଦି $\Delta U$ ର ମୂଲ୍ୟ ସମୀକରଣ 11.3 ରୁ ପ୍ରୟୋଗ କରାଯାଏ,

ତେବେ $\therefore \Delta H = q - p\Delta V + p\Delta V$

$\Rightarrow \Delta H = q$ (ସ୍ଥିର ଚାପମାତ୍ରା)

କିମ୍ବା, $\Delta H = q_p$ ....................................(11.8)

ସ୍ଥିର ଚାପମାତ୍ରାରେ ତାପ ପରିମାଣର ବୃଦ୍ଧି କିମ୍ବା ହ୍ରାସକୁ $q_p$ ଦ୍ୱାରା ସୂଚୀତ କରାଯାଏ ।

ସମୀକରଣ (11.8) ସାହାଯ୍ୟରେ ଯେକୌଣସି ପ୍ରଣାଳୀର ଏନ୍‌ଥାଲ୍‌ପି ପରିବର୍ତ୍ତନ ମପାଯାଇପାରିବ ଯଦି ସ୍ଥିର ଚାପମାତ୍ରାରେ ତାପ ପରିମାଣର ବୃଦ୍ଧି କିମ୍ବା ହ୍ରାସ ଜଣାଥାଏ ।

## 11.4.5 ΔH ଓ ΔU ମଧ୍ୟରେ ସମ୍ପର୍କ

ତରଳ ଓ ଘନ ପଦାର୍ଥ ପାଇଁ ΔH ଏବଂ ΔU ମଧ୍ୟରେ ଥିବା ପାର୍ଥକ୍ୟ ସେତେଟା ମହତ୍ତ୍ୱପୂର୍ଣ୍ଣ ନୁହେଁ କିନ୍ତୁ ବାଷ୍ପ ପାଇଁ ଏହି ପାର୍ଥକ୍ୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ଏହରା ଯଥାର୍ଥତା ନିମ୍ନରେ ବ୍ୟାଖ୍ୟା କରାଗଲା ।

ମନେକରାଯାଉ ସ୍ଥିର ଗ୍ୟାସୀୟ ଚାପ ଓ ତାପମାତ୍ରାରେ ଗ୍ୟାସୀୟ ପ୍ରତିକାରକମାନଙ୍କର ସମୁଦାୟ ଆୟତନ = $V_A$

ଏବଂ ଗ୍ୟାସୀୟ ଉତ୍ପାଦମାନଙ୍କର ସମୁଦାୟ ଆୟତନ = $V_B$

ଗ୍ୟାସୀୟ ପ୍ରତିକାରକମାନଙ୍କର ସମୁଦାୟ ମୋଲ ପରିମାଣ = $n_A$

ଏବଂ ଗ୍ୟାସୀୟ ଉତ୍ପାଦର ସମୁଦାୟ ମୋଲ ପରିମାଣ = $n_B$

ବର୍ତ୍ତମାନ ଆଦର୍ଶ ଗ୍ୟାସ ନିୟମ ପ୍ରୟୋଗ କରି ଆମେ ନିମ୍ନୋକ୍ତ ସମୀକରଣମାନ ଲେଖିପାରିବା ।

$PV_A = n_ART$....................................(11.9)

$PV_B = n_BRT$ ....................................(11.10)

ସମୀକରଣ (11.9) କୁ ସମୀକରଣ (11.10)ରୁ ବିୟୋଗ କଲେ

$PV_B - PV_A = n_BRT - n_ART$

କିମ୍ବା $P(V_B - V_A) = RT(n_B - n_A)$

କିମ୍ବା $P\Delta V = \Delta n_g RT$

ଆମେ ଜାଣିଛେ ଯେ ସ୍ଥିର ଚାପମାତ୍ରାରେ

$\Delta H = \Delta U + P\Delta V$

କିମ୍ବା, $\therefore \Delta H = \Delta U + \Delta n_g RT$ ... (11.11)

ଏଠାରେ $\Delta n_g$ = ଗ୍ୟାସୀୟ ଉତ୍ପାଦମାନଙ୍କର ସମୁଦାୟ ମୋଲ ପରିମାଣ —ଗ୍ୟାସୀୟ ପ୍ରତିକାରକମାନଙ୍କର ସମୁଦାୟ ମୋଲ୍ ପରିମାଣ । ସମୀକରଣ (11.11) ସାହାଯ୍ୟରେ $\Delta H$ କିମ୍ବା $\Delta U$ ମୂଲ୍ୟ ନିର୍ଦ୍ଧାରଣ କରାଯାଇପାରିବ ଯଦି



ଟିପ୍ପଣୀ

ଗୋଟିକର ମୂଲ୍ୟ ଜଣାଥାଏ । ଘନ ଏବଂ ତରଳ ପାଇଁ $\Delta V$ ର ମୂଲ୍ୟ ବହୁତ କମ୍ । ତେଣୁ $P\Delta V$ ର ମୂଲ୍ୟକୁ ଅବହେଳା କରାଯାଇପାରେ । ଏଭଳି ପରିସ୍ଥିତିରେ $\Delta H$ କିମ୍ବା $\Delta U$ ର ମୂଲ୍ୟ ପାଖାପାଖି ସମାନ ।

## ପାଠଗତ ପ୍ରଶ୍ନ 11.1

1. ନିମ୍ନୋକ୍ତ ପ୍ରଶ୍ନମାନଙ୍କ ମଧ୍ୟରୁ କେଉଁଟି ଭୁଲ୍ ?

(a) ପ୍ରତିକ୍ରିୟା $H_2(g) + Cl_2(g) \rightarrow 2\,HCl\,(g)$ ; $\Delta H$ = -185 kJ, ଏହା ଏକ ତାପଶୋଷୀ ପ୍ରତିକ୍ରିୟା ।

(b) ଏନ୍‌ଥାଲପି ପରିବର୍ତ୍ତନ ହେଉଛି ଏକ ଅବସ୍ଥା ଫଳନ ।

(c) ଏକ ନିର୍ଦ୍ଦିଷ୍ଟ ତାପମାତ୍ରାରେ ଚାପ ଯଦି 1 atm ହୁଏ ତେବେ ତାହାକୁ ଗ୍ୟାସୀୟ ବ୍ୟବସ୍ଥାର ମାନକ ଅବସ୍ଥାର ସର୍ତ୍ତ କୁହାଯାଏ ।

2. ନିମ୍ନୋକ୍ତ ପ୍ରତିକ୍ରିୟା 298K ରେ ସଂଘଟିତ ହେଲେ

$$\frac{1}{2}N_2(g)+\frac{3}{2}H_2(g)\rightarrow NH_3(g);\ \Delta H = -\ 46kJ$$

(a) $\Delta_{ng}$ ର ମୂଲ୍ୟ କେତେ ?

..............................................................................................................

(b) 298 K ରେ $\Delta U$ ର ମୂଲ୍ୟ ନିର୍ଦ୍ଧାରଣ କର ।

..............................................................................................................

3. ନିମ୍ନୋକ୍ତ ପ୍ରିକ୍ରିୟା ମଧ୍ୟରୁ କେଉଁଥିରେ ଆଭ୍ୟନ୍ତରୀଣ ଶକ୍ତି ବୃଦ୍ଧି ହୁଏ ?

(a) ବ୍ୟବସ୍ଥାରେ ତାପ ପ୍ରୟୋଗ କଲେ

(b) ବ୍ୟବସ୍ଥା ଦ୍ୱାରା କାର୍ଯ୍ୟ ସଂପାଦିତ ହେଲେ

..............................................................................................................

## 11.5 ପ୍ରତିକ୍ରିୟାମାନଙ୍କର ମାନକ ଏନ୍‌ଥାଲପି

ଯଦି ପ୍ରତିକାରକ ଓ ଉତ୍ପାଦକମାନଙ୍କର ଏନ୍‌ଥାଲପି ଯଥାକ୍ରମେ $H_{ପ୍ରତିକାରକ}$ and $H_{ଉତ୍ପାଦ}$ ଦ୍ୱାରା ସୂଚୀତ କରାଯାଏ ତେବେ ଏହି ଏନ୍‌ଥାଲ୍‌ପିଦ୍ୱୟ ମଧ୍ୟରେ ଥିବା ପାର୍ଥକ୍ୟ $\Delta H$ କୁ ପ୍ରତିକ୍ରିୟାର ଏନ୍‌ଥାଲପି କୁହାଯାଏ ।

$$\Delta_r H = H_{ଉତ୍ପାଦ} - H_{ପ୍ରତିକାର}$$

ଯେତେବେଳେ $H_{ଉତ୍ପାଦ}$ ର ମୂଲ୍ୟ $H_{ପ୍ରତିକାର}$ ର ମୂଲ୍ୟଠାରୁ ଅଧିକ ହୁଏ ସେତେବେଳେ $\Delta H$ ମୂଲ୍ୟ +ve ହୁଏ, ଅର୍ଥାତ୍ ପ୍ରତିକ୍ରିୟା ଦ୍ୱାରା ତାପଶକ୍ତି ବିଶୋଷିତ ହୁଏ । ଏଭଳି ପ୍ରତିକ୍ରିୟାକୁ ତାପଶୋଷୀ ପ୍ରତିକ୍ରିୟା କୁହାଯାଏ ।

ଉଦାହରଣ : $H_2(g)+I_2(g);\ \Delta H = +\ 52.5\,kJ$

କିନ୍ତୁ ଯେତେବେଳେ $H_{ଉତ୍ପାଦ}$ ର ମୂଲ୍ୟ $H_{ପ୍ରତିକାର}$ ର ମୂଲ୍ୟଠାରୁ କମ୍ ହୁଏ ସେତେବେଳେ $\Delta H$ ର ମୂଲ୍ୟ –ve ହୁଏ; ଅର୍ଥାତ୍ ତାପଶକ୍ତି ନିର୍ଗତ ହୁଏ । ଏଭଳି ପ୍ରତିକ୍ରିୟାକୁ ତାପଉତ୍ପାଦୀ ପ୍ରତିକ୍ରିୟା କୁହାଯାଏ ।

ଟିପ୍ପଣୀ



ଉଦାହରଣ : $CH_4(g) + 2O_2(g) \rightarrow CO_2(g) + 2H_2O(l); \ \Delta H = -890.4kJ$

ଚାପ ଓ ତାପର ପରିବର୍ତ୍ତନ ହେଲେ ପ୍ରତିକ୍ରିୟାର ଏନ୍‌ଥାଲପିରେ ମଧ୍ୟ ପରିବର୍ତ୍ତନ ହୁଏ । ବସ୍ତୁମାନେ ମାନକ ଅବସ୍ଥାରେ ଥିଲେ ପ୍ରତିକ୍ରିୟାର ଏନ୍‌ଥାଲପି ପ୍ରକାଶ କରିବା ସୁବିଧା ଜନକ ହୋଇଥାଏ । ଯେତେବେଳେ ବସ୍ତୁମାନେ ମାନକ ଅବସ୍ଥାରେ ଥାଆନ୍ତି ସେତେବେଳେ ପ୍ରତିକ୍ରିୟାର ଏନ୍‌ଥାଲପିକୁ ମାନକ ଏନ୍‌ଥାଲପି କୁହାଯାଏ । ଏହାର ପ୍ରତୀକ $\Delta H^0$ ଦ୍ୱାରା ସୂଚୀକ କରାଯାଏ ।

**ସଂଜ୍ଞା :** ବସ୍ତୁମାନେ ମାନକ ଅବସ୍ଥାରେ ଥିବା ସମୟରେ, ପ୍ରତିକ୍ରିୟାର ଏନ୍‌ଥାଲପି ପରିବର୍ତ୍ତନକୁ ମାନକ ଏନ୍‌ଥାଲପି କୁହାଯାଏ ।

## 11.5.1 ନିର୍ମାଣ ଏନ୍‌ଥାଲପି ($\Delta_f H^0$)

**ସଂଜ୍ଞା : ମୌଳିକମାନେ ସଂପୂର୍ଣ୍ଣ ଶୁଦ୍ଧ ଅବସ୍ଥାରେ ଥାଇ ଏକ ମୋଲ୍ ଶୁଦ୍ଧ ଯୌଗିକ ସୃଷ୍ଟିକଲେ ଯେଉଁ ଏନ୍‌ଥାଲପିର ପରିବର୍ତ୍ତନ ହୁଏ ତାହାକୁ ନିର୍ମାଣ ଏନ୍‌ଥାଲପି କୁହାଯାଏ । ଏହାର ପ୍ରତୀକକୁ $\Delta_f H^0$ ଦ୍ୱାରା ସୂଚୀତ କରାଯାଏ ।**

ପ୍ରତିକ୍ରିୟାରେ ଭାଗ ନେଉଥିବା ସମସ୍ତ ମୌଳିକମାନେ ଏବଂ ସୃଷ୍ଟି ହେଉଥିବା ସମସ୍ତ ଉତ୍ପାଦକମାନେ ଯଦି ମାନକ ଅବସ୍ଥାରେ ଥାଆନ୍ତି, ସେତେବେଳେ ରାସାୟନିକ ପ୍ରତିକ୍ରିୟାର ଏନ୍‌ଥାଲପି ପରିବର୍ତ୍ତନକୁ ମାନକ ନିର୍ମାଣ ଏନ୍‌ଥାଲପି କୁହାଯାଏ ଏବଂ ଏହାକୁ ପ୍ରତୀକ $\Delta_f H^0$ ଦ୍ୱାରା ସୂଚୀତ କରାଯାଏ । ପ୍ରଚଳିତ ନିୟମାନୁସାରେ ସଂପୂର୍ଣ୍ଣ ଶୁଦ୍ଧ ଅବସ୍ଥାରେ ଥିବା ମୌଳିକର ନିର୍ମାଣ ଏନ୍‌ଥାଲପି ଶୂନ୍ୟ ବୋଲି ଗ୍ରହଣ କରାଯାଇଅଛି ।

ଉଦାହରଣ : $C_{(graphite)} + O_2(g) \rightarrow CO_2(g); \ \Delta_f H^0 = -393.5.kJ\ mol^{-1}$

ଏହାର ଅର୍ଥ ଅଙ୍ଗାରକାମ୍ଳ ବାଷ୍ପ ତନ୍ମଧ୍ୟରେ ଥିବା ମୌଳିକମାନଙ୍କର ସଂପୂର୍ଣ୍ଣ ଶୁଦ୍ଧ ଅବସ୍ଥାରୁ ସୃଷ୍ଟି ହୋଇଅଛି । ଏହା ମଧ୍ୟ କୁହାଯାଇପାରେ ଯେ ଗ୍ରାଫାଇଟ୍, ଯାହାକି ଅଙ୍ଗାରର ଅପରରୂପ, ପ୍ରକୋଷ୍ଠ ତାପକ୍ରମରେ ଅଛି ଏବଂ ଅମ୍ଳଜାନ ଓ ଅଙ୍ଗାରକାମ୍ଳ ବାଷ୍ପ 1 ବାର ଚାପମାତ୍ରାରେ ଅଛନ୍ତି ।

## 11.5.2 ଦହନ ଏନ୍‌ଥାଲପି ($\Delta_{comb} H^0$)

ସଂଜ୍ଞା : ଅମ୍ଳଜାନ ଉପସ୍ଥିତିରେ ପ୍ରଦତ୍ତ ତାପ ଓ 1 ବାର ଚାପ ମାତ୍ରାରେ ଏକ ମୋଲ ପଦାର୍ଥର ସଂପୂର୍ଣ୍ଣ ଦହନ ଫଳରେ ଏନ୍‌ଥାଲପିରେ ଯେଉଁ ପରିବର୍ତ୍ତନ ହୁଏ ତାହାକୁ ଦହନ ଏନ୍‌ଥାଲପି କୁହାଯାଏ ।

ଉଦାହରଣ : $C_2H_5OH_{(l)} + 3O_2(g) \rightarrow 2CO_2 + 3H_2O_{(l)}; \ \Delta_{comb} H^0 = -1365.6.kJ\ mol^{-1}$

ଅର୍ଥାତ୍ ଇଥାଇଲ୍ ଆଲକୋହଲ୍‌ର ଦହନ ଏନ୍‌ଥାଲପି = $-$ 1365.6 kJ $mol^{-1}$

## 11.5.3 ପ୍ରଶମନୀକରଣ ଏନ୍‌ଥାଲପି ($\Delta_{neut} H^0$)

ସଂଜ୍ଞା : ଏକ ଗ୍ରାମ୍ ତୁଲ୍ୟାଙ୍କ ଭାର ଲଘୁ ଅମ୍ଳ ଏକ ଗ୍ରାମ ତୁଲ୍ୟାଙ୍କ ଲଘୁ କ୍ଷାର ଦ୍ୱାରା ପ୍ରଶମନୀକରଣ ହେଲେ ଏନ୍‌ଥାଲପିର ଯେଉଁ ପରିବର୍ତ୍ତନ ହୁଏ ତାହାକୁ ପ୍ରଶମନୀକରଣ ଏନ୍‌ଥାଲପି କୁହାଯାଏ ।

ଉଦାହରଣ : $H^+{}_{(aq)} + OH^-{}_{(aq)} \rightarrow H_2O_{(l)}; \ \mathrm{H}_{neut}H = -57kJ\ mol^{-1}$

ତୀବ୍ର ଅମ୍ଳ ଓ ତୀବ୍ର କ୍ଷାରର ପ୍ରଶମନୀକରଣ ଏନଥାଲ୍‌ପି ସର୍ବଦା ସ୍ଥିର ଏବଂ ଏହାର ମୂଲ୍ୟ ହେଉଛି $-57\,kJ\ mol^{-1}$ କିନ୍ତୁ ତୀବ୍ର ଅମ୍ଳ ଓ ଦୁର୍ବଳ କ୍ଷାର ଅଥବା ଦୁର୍ବଳ ଅମ୍ଳ ଓ ତୀବ୍ର କ୍ଷାର କ୍ଷେତ୍ରରେ ପ୍ରଶମନୀକରଣ ଏନ୍‌ଥାଲପିର ମୂଲ୍ୟ ଭିନ୍ନ ହୋଇଥାଏ । ଦୁର୍ବଳ ଅମ୍ଳ ଓ ଦୁର୍ବଳ କ୍ଷାରର ଆୟନୀକରଣର ମାତ୍ରା ଭିନ୍ନ ହୋଇଥିବାରୁ ପ୍ରଶମନୀକରଣ ଏନ୍‌ଥାଲପି ମୂଲ୍ୟରେ ପରିବର୍ତ୍ତନ ହୋଇଥାଏ ।



ଟିପ୍ପଣୀ

## 11.6 ତାପରାସାୟନିକ ବିଜ୍ଞାନର ନିୟମ

ତାପ ରାସାୟନିକ ବିଜ୍ଞାନର ଦୁଇଟି ନିୟମ ଅଛି । ପ୍ରଥମଟି ହେଉଛି ଲାଭୟସାୟାର - ଲାପ୍‌ଲାସ୍‌ଙ୍କ ନିୟମ ଏବଂ ଦ୍ୱିତୀୟଟି ହେଉଛି ହେସ୍‌ଙ୍କର ସ୍ଥିରତାପ ଆକଳନ ନିୟମ ।

ଲାଭୟସାୟାର୍ - ଲାପ୍‌ଲାସ୍‌ଙ୍କ ନିୟମ : କୌଣସି ଏକ ଯୌଗିକ ବିଯୋଜିତ ହୋଇ ମୌଳିକରେ ପରିଣତ ହେଲେ ଯେଉଁ ପରିମାଣର ତାପଶକ୍ତି ଦରକାର ପଡ଼େ ସେହି ଯୌଗିକର ପୁନଃ ସୃଷ୍ଟି ସମୟରେ ସେହି ପରିମାଣର ତାପଶକ୍ତି ନିର୍ଗତ ହୁଏ । ଅର୍ଥାତ୍ କୌଣସି ଏକ ଯୌଗିକର ବିଯୋଜନ ତାପ ଏବଂ ସଂଯୋଜନ ତାପ ପ୍ରାୟ ସମାନ କିନ୍ତୁ ଏହି ତାପ ବିପରୀତ ଧର୍ମୀ ।

ଉଦାହରଣ : $N_2(g) + O_2(g) \rightarrow 2\,NO(g);\ \Delta H = 180.5$ kJ

$2NO(g) \rightarrow N_2(g) + O_2(g);\ \Delta H = -180.5$ K

**ହେସ୍‌ଙ୍କର ନିୟମ :** ଯେକୌଣସି ରାସାୟନିକ ପ୍ରତିକ୍ରିୟା ଏକ ବା ଏକାଧିକ ପଥ ଦେଇ ଗତିକଲେ ମଧ୍ୟ ପ୍ରତିକ୍ରିୟାର ଏନ୍‌ଥାଲପି ଅପରିବର୍ତ୍ତନୀୟ ରହେ ।

ଯେକୌଣସି ରାସାୟନିକ ପ୍ରତିକ୍ରିୟାର ଏନ୍‌ଥାଲପିର ପରିବର୍ତ୍ତନ, ପ୍ରତିକ୍ରିୟାର ପଥ ଉପରେ ନିର୍ଭର କରେନାହିଁ କିନ୍ତୁ କେବଳ ପ୍ରତିକାରକ ଓ ଉତ୍ପାଦର ପ୍ରକୃତି ଓ ଅବସ୍ଥା ଉପରେ ନିର୍ଭର କରେ ।

ତୁମେ ଜାଣଯେ ଗ୍ରାଫାଇଟର ଦହନ ସମୟରେ ଏନ୍‌ଥାଲପି ପରିବର୍ତ୍ତନର ମୂଲ୍ୟ ହେଉଛି $-393.5$ kJ mol$^{-1}$

$$C_{(graphite)} + \frac{1}{2}O_2(g) \rightarrow CO_2(g);\ \Delta H = -393.5 \text{ kJ mol}^{-1}$$

ଏହି ମୂଲ୍ୟ କାଲୋରିମିଟର ସାହାଯ୍ୟରେ ନିର୍ଣ୍ଣୟ କରିହେବ କିନ୍ତୁ ଏଭଳି କିଛି ପ୍ରତିକ୍ରିୟା ଅଛି ଯାହାର ଏନ୍‌ଥାଲପି ପରିବର୍ତ୍ତନ ପରୀକ୍ଷାଗାରରେ ସିଧାସଳଖ ଭାବେ ନିର୍ଣ୍ଣୟ କରିହେବ ନାହିଁ । ନିମ୍ନରେ ଏକ ଉଦାହରଣ ଦିଆଗଲା ।

$$C_{(graphite)} + \frac{1}{2}O_2(g) \rightarrow CO_2(g)$$

ଏହି ପ୍ରତିକ୍ରିୟାର ପ୍ରମାଣ ଏନ୍‌ଥାଲପି ପରିବର୍ତ୍ତନ କାଲୋରିମିଟର ସାହାଯ୍ୟରେ ନିର୍ଣ୍ଣୟ କରିହେବ ନାହିଁ କାରଣ ଯଦି ମାତ୍ରାଧିକ ଅମ୍ଳଜାନ ବ୍ୟବହାର କରାନଯାଏ ତେବେ ଗ୍ରାଫାଇଟ୍‌ର ସଂପୂର୍ଣ୍ଣ ଦହନ ହୁଏନାହିଁ । ମାତ୍ରାଧିକ ଅମ୍ଳଜାନ ବ୍ୟବହାର କଲେ କିଛି ପରିମାଣର CO ର ଜାରଣ ହୋଇ $CO_2$ ସୃଷ୍ଟିହୁଏ ।

ତେଣୁ ଯେଉଁ ପ୍ରତିକ୍ରିୟାର ଏନ୍‌ଥାଲପି ପରିବର୍ତ୍ତନ ସିଧାସଳଖ ଭାବେ ନିର୍ଣ୍ଣୟ କରିବା ସମ୍ଭବ ନୁହେଁ ସେଭଳି ପ୍ରତିକ୍ରିୟାର ଏନ୍‌ଥାଲପି ପରିବର୍ତ୍ତନ କିପରି ନିର୍ଣ୍ଣୟ କରିବା ?

ଯେହେତୁ $\Delta H$ ହେଉଛି ଅବସ୍ଥା ଫଳନ, ପ୍ରତିକ୍ରିୟା କେଉଁ ପଥ ଦେଇ ସଂଘଟିତ ହେଲା ତା ଉପରେ ଏହା ନିର୍ଭର କରେ ନାହିଁ । ଆସ ପ୍ରତିକ୍ରିୟାଟିକୁ ନିମ୍ନୋକ୍ତ ଉପାୟରେ ସଂଘଟିତ କରିବା । ଗୋଟିଏ ହେଉଛି ପ୍ରତ୍ୟକ୍ଷ ପ୍ରକ୍ରିୟା ଏବଂ ଅନ୍ୟଟି ହେଉଛି ପରୋକ୍ଷ ପ୍ରକ୍ରିୟା ।

**(1) ପ୍ରତ୍ୟକ୍ଷ ପ୍ରକ୍ରିୟା :**

$$C_{(graphite)} + O_2(g) \rightarrow CO_2(g);\ \Delta rH_1^0 = -393.5 \text{ kJ mol}^{-1}$$

**(2) ପରୋକ୍ଷ ପ୍ରକ୍ରିୟା :**

(a) $C_{(graphite)} + \frac{1}{2}O_2(g) \rightarrow CO(g);\ \Delta rH_2^0 = -110.5 \text{ kJ mol}^{-1}$ ------ (1)

(b) $CO(g) + \frac{1}{2}O_2(g) \rightarrow CO(g);\ \Delta rH_3^0 = -283 \text{ kJ mol}^{-1}$ ------ (2)

ସମୀକରଣ 1 ଓ 2କୁ ଯୋଗ କଲେ,

$$C_{(graphite)} + O_2(g) \rightarrow CO_2(g);\ \Delta rH_1^0 = -393.5 \text{ kJ mol}^{-1}$$

ହେସ୍‌ଙ୍କ ନିୟମାନୁସାରେ $\Delta_r H_1^0 = \Delta_r H_2^0 + \Delta_r H_3^0$

କିମ୍ବା, $\Delta r H_2^0 = \Delta r H_1^0 - \Delta r H_3^0$

ଉପରୋକ୍ତ ପରିବର୍ତ୍ତନ ନିମ୍ନ ଚିତ୍ରରେ (11.4) ପ୍ରଦତ୍ତ ହେଲା ।




**ଚିତ୍ର 11.4 :** *ଅଙ୍ଗାର ଏବଂ ଅମ୍ଳଜାନର ସଂଯୋଗରେ ସୃଷ୍ଟି ହେଉଥିବା ଅଙ୍ଗାରକାମ୍ଳ ବାଷ୍ପର ବିଭିନ୍ନ ପଥ ।*

ହେସ୍‌ଙ୍କ ନିୟମର ଫଳାଫଳ ଏହା ଯେ ଇପ୍‌ସିତ ସମୀକରଣ ପାଇବା ପାଇଁ ଗାଣିତିକ ସମୀକରଣ ଭଳି ତାପ ରାସାୟନିକ ସମୀକରଣକୁ ଯୋଗ ଏବଂ ବିୟୋଗ କରାଯାଇପାରିବ । ହେସ୍‌ଙ୍କ ନିୟମର ଏକ ମହତ୍ତ୍ୱପୂର୍ଣ୍ଣ ପ୍ରୟୋଗ ହେଉଛି ଯେ ଉପରୋକ୍ତ ପ୍ରତିକ୍ରିୟା ଭଳି ଯେଉଁ ପ୍ରତିକ୍ରିୟାରେ ଏନ୍‌ଥାଲପି ପରିବର୍ତ୍ତନ ସିଧାସଳଖ ଭାବେ ନିର୍ଣ୍ଣୟ କରିହୁଏ ନାହିଁ, ତାହା ଏହି ଉପାୟରେ ନିର୍ଣ୍ଣୟ କରିହେବ ।

ଉଦାହରଣ : ଯଦି $\Delta r H_1^0$, $\Delta r H_2^0$ ଓ $\Delta r H_3^0$ ମୂଲ୍ୟମାନଙ୍କ ମଧ୍ୟରୁ ଦୁଇଟିର ମୂଲ୍ୟ ଦିଆଯାଇଛି ତେବେ ତୃତୀୟଟ ମୂଲ୍ୟ ସହଜରେ ନିର୍ଣ୍ଣୟ କରିହେବ ।

ଉଦାହରଣ : $\text{C(graphite)} + O_2(g) \rightarrow CO_2(g);\ \Delta r H_1^0 = -393.5 \text{ KJ/ mol}$

$$\text{C(graphite)} + \frac{1}{2}O_2(g) \rightarrow CO(g);\ \Delta r H_2^0 = ?$$

$$\text{CO(g)} + \frac{1}{2}O_2(g) \rightarrow CO_2(g);\ \Delta r H_3^0 = -283.5 \text{ KJ/ mol}^{-1}$$

$$\therefore \text{C(graphite)} + O_2(g) \rightarrow CO_2(g) - \left[CO(g) + \frac{1}{2}O_2(g) \rightarrow CO_2(g)\right]$$

$$= \text{C(graphite)} + \frac{1}{2}O_2(g) \rightarrow CO\ (g)$$

ଅର୍ଥାତ୍ $\Delta_r H_2^0 = \Delta_r H_1^0 - \Delta_r H_3^0 = -393.5 \text{ KJ mol}^{-1} - \left(-283 KJ\ mol^{-1}\right)$

$$= -110.5 \text{ KJ mol}^{-1}$$

**ଉଦାହରଣ- 11.1** : ଗ୍ଲୁକୋଜ୍‌ର ଦହନ ସମୟରେ ନିର୍ଗତ ତାପ ନିମ୍ନୋକ୍ତ ସମୀକରଣ ଦ୍ୱାରା ପ୍ରକାଶ କରାଗଲା ।

$$C_6H_{12}O_6(s) + 6O_2(g) \rightarrow 6CO_2(g) + 6H_2O(l);\ \Delta_{comb}H = 2840\, kJ\ mol^{-1}$$

ତେବେ 1.08 $g$ ଗ୍ଲୁକୋଜର ପ୍ରସ୍ତୁତି ପାଇଁ କେତେ ପରିମାଣର ତାପଶକ୍ତି ଦରକାର ହେବ ?

ସମାଧାନ : ପ୍ରଦତ୍ତ ସମୀକରଣଟିକୁ ବିପରୀତ ଦିଗରେ ଲେଖିଲେ ତାହା ଗ୍ଲୁକୋଜର ପ୍ରସ୍ତୁତିକୁ ବୁଝାଇବ ।

$$CO_2(g) + 6H_2O\ (l) \rightarrow C_6H_{12}O_6(s) + 6O_2(g);\ \Delta H = 2840\, \text{kJ mol}^{-1}$$

ଏହି ସମୀକରଣରୁ ଜଣାପଡୁଛି ଯେ ଏକ ମୋଲ୍ (180g)ଗ୍ଲୁକୋଜ୍ ପ୍ରସ୍ତୁତି ପାଇଁ 2840 kJ ତାପ ଆବଶ୍ୟକ ହୁଏ ।



ଟିପ୍ପଣୀ

ତେଣୁ 108g କୁ ଗ୍ଲୁକୋଜ ପ୍ରସ୍ତୁତି ପାଇଁ $\frac{2840}{180} \times 1.08\ kJ = 17.04\,kJ$ ଦରକାର ହେବ ।

**ଉଦାହରଣ- 11.2** : ପ୍ରଦତ୍ତ ତଥ୍ୟରୁ ଇଥେନ୍‌ର ମାନକ ନିର୍ମାଣ ଏନ୍‌ଥାଲପି ନିର୍ଣ୍ଣୟ କର ।

$$C_{(graphite)} + O_2(g) \rightarrow CO_2(g); \quad \Delta_f H^0 = -394\,kJ\,mol^{-1}$$

$$H_2(g) + \frac{1}{2}O_2(g) \rightarrow H_2O\ (l); \quad \Delta_f H^0 = -286\,kJ\,mol^{-1}$$

$$C_2H_6(g) + \frac{7}{2}O_2(g) \rightarrow 2CO_2(g) + 3H_2O(l)\ ; \quad \Delta_r H^0 = -1560\ kJ\,mol^{-1}$$

ସମାଧାନ : $C_{(graphite)} + O_2(g) \rightarrow CO_2(g); \quad \Delta_f H^0 = -394\ kJ\,mol^{-1}$ .............. (1)

$$H_2(g) + \frac{1}{2}O_2(g) \rightarrow H_2O\ (l); \Delta_f H^0 = -286\,kJ\,mol^{-1} \quad ....................(2)$$

$$C_2H_6(g) + \frac{7}{2}O_2(g) \rightarrow 2CO_2(g) + 3H_2O(l); \ \Delta_f H^0 = -1560\,kJ\,mol^{-1} \quad ......(3)$$

ଆବଶ୍ୟକ ସମୀକରଣ :

$$2C_{(graphite)} + 3H_2(g) \rightarrow C_2H_6(g); \ \Delta_f H^0 = ? \quad .................................(4)$$

ସମୀକରଣ (1)କୁ 2 ରେ ଓ ସମୀକରଣ (2)କୁ 3 ରେ ଗୁଣି ଉଭୟ ସମୀକରଣକୁ ଯୋଗ କରାଯାଉ ।

$$2C_{(graphite)} + 2O_2(g) \rightarrow 2CO_2(g); \quad \Delta_f H^0 = -788\,kJ$$

$$3H_2(g) + \frac{3}{2}O_2(g) \rightarrow 3H_2O\ (l); \Delta_f H^0 = -858\,kJ$$

$$3H_2(g) + 2C_{(graphite)} + \frac{7}{2}O_2(g) \rightarrow 2CO_2(g) + 3H_2O\ (l); \Delta_f H^0 = -1646\,kJ \quad .....(5)$$

ବର୍ତ୍ତମାନ ସମୀକରଣ (5)ରୁ ସମୀକରଣ (3) ବିୟୋଗ କଲେ ଆବଶ୍ୟକ ସମୀକରଣ ଏବଂ ମାନକ ନିର୍ମାଣ ଏନ୍‌ଥାଲପିର ମୂଲ୍ୟ ପ୍ରାପ୍ତ ହେବ ।

$$3H_2(g) + 2C_{(graphite)} + \frac{7}{2}O_2(g) \rightarrow 2CO_2(g) + 3H_2O\ (l); \Delta_f H^0 = -1646\,kJ$$

$$C_2H_6(g) + \frac{7}{2}O_2(g) \rightarrow 2CO_2(g) + 3H_2O(l); \ \Delta_f H^0 = -1560\,kJ$$

$$2C_{(graphite)} + 3H_2(g) \rightarrow C_2H_6(g); \ \Delta_f H^0 = -86\ kJ\ mol^{-1}$$

∴ ଇଥେନ୍‌ର ମାନକ ନିର୍ମାଣ ଏନ୍‌ଥାଲପି = $-86\ kJ\ mol^{-1}$

## ପାଠଗତ ପ୍ରଶ୍ନ 11.2

1. ନିମ୍ନୋକ୍ତ ମଧ୍ୟରୁ କେଉଁଟି ସତ୍ୟ ?

   (a) ମୌଳିକମାନେ ସଂପୂର୍ଣ୍ଣ ଶୁଦ୍ଧ ଅବସ୍ଥାରେ ଥାଇ ଏକ ମୋଲ ଶୁଦ୍ଧ ଯୌଗିକ ସୃଷ୍ଟିକଲେ ଯେଉଁ ଏନ୍‌ଥାଲପି ପରିବର୍ତ୍ତନ ହୁଏ ତାହାକୁ ନିର୍ମାଣ ଏନ୍‌ଥାଲପି କୁହାଯାଏ ।

(b) ଯେତେବେଳେ ଏକ ମୋଲ୍ $H^+(aq)$ ସହିତ ଏକ ମୋଲ $OH^-(aq)$ ସହିତ ପ୍ରତିକ୍ରିୟା କରେ ସେତେବେଳେ 57.1kJ ଶକ୍ତି ବିଶୋଷିତ ହୁଏ ।

(c) $C_{(graphite)} + O_2(g) \rightarrow CO_2(g); \quad \Delta_f H^0 = -394\,kJ\ mol^{-1}$

ଉପରୋକ୍ତ ତାପ ରାସାୟନିକ ସମୀକରଣରେ $\Delta_f H^0$ କୁ ଅଙ୍ଗାରକାମ୍ଳ ବାଷ୍ପର ନିର୍ମାଣ ଏନ୍ଥାଲପି କୁହାଯାଏ ।

2. ନିମ୍ନୋକ୍ତ ସମୀକରଣରୁ 29.0g ବ୍ୟୁଟେନ୍‌ର ସମ୍ପୂର୍ଣ୍ଣ ଦହନ ପାଇଁ ଏନ୍ଥାଲପି ପରିବର୍ତ୍ତନ ନିର୍ଣ୍ଣୟ କର ।

$$C_4H_{10}(g) + \frac{3}{2}O_2(g) \rightarrow 4CO_2(g) + 5H_2O(l); \Delta_{comb}H^0 = -2658\,kJ\,mol^{-1}$$

3. ନିମ୍ନୋକ୍ତ ପ୍ରତିକିୟାର ମାନକ ଏନ୍ଥାଲପି ନିର୍ଣ୍ଣୟ କର ।

$$2H_2S(g) + SO_2(g) \rightarrow 3S(s) + 2H_2O\ (l)$$

ଦତ୍ତ : $\Delta_f H^0 (H_2S) = -20.6\ kJ\ mol^{-1}$

$\Delta_f H^0 (SO_2) = -296.9\ kJ\ mol^{-1}$

$\Delta_f H^0 (H_2O\ ) = -289.9\ kJ\ mol^{-1}$

## 11.7 ବନ୍ଧ ଏନ୍ଥାଲପି (Bond Enthalpy)

ତୁମେମାନେ ଜାଣ ଯେ ରାସାୟନିକ ପ୍ରତିକ୍ରିୟା ବେଳେ ଶକ୍ତି ବିଶୋଷିତ ହୁଏ କିମ୍ବା ନିର୍ଗତ ହୁଏ । ଏହି ଶକ୍ତି ପରିବର୍ତ୍ତନର ଆରମ୍ଭ କେଉଁଠୁ ଜାଣ କି ? ତୁମେ ଜାଣ ଯେ ରାସାୟନିକ ପ୍ରତିକ୍ରିୟାବେଳେ ପୁରୁଣା ବନ୍ଧମାନଙ୍କର ବିଲୟ ହୁଏ ଏବଂ ନୂତନ ବନ୍ଧମାନଙ୍କର ସୃଷ୍ଟି ହୁଏ । ପ୍ରତିକାରକମାନଙ୍କର କିଛି ବନ୍ଧର ବିଲୟ ଏବଂ ଉତ୍ପାଦକମାନଙ୍କର କିଛି ବନ୍ଧର ସୃଷ୍ଟିବେଳେ ଶକ୍ତିର ପରିବର୍ତ୍ତନ ହୋଇଥାଏ । ତେଣୁ ରାସାୟନିକ ପ୍ରତିକ୍ରିୟାରେ ଶକ୍ତିର ପରିବର୍ତ୍ତନ, ପ୍ରତିକାରକମାନଙ୍କର ବନ୍ଧର ବିଲୟ ଏବଂ ଉତ୍ପାଦମାନଙ୍କର ବନ୍ଧ ଯୋଗୁ ହୋଇଥାଏ ।

ଏବେ ଗ୍ୟାସୀୟ ପ୍ରତିକ୍ରିୟା ବିଷୟରେ ଆଲୋଚନା କରିବା; କାରଣ ଏ କ୍ଷେତ୍ରରେ ଆମେ କେବଳ ପ୍ରତିକାରକମାନଙ୍କର ବନ୍ଧର ବିଲୟ ଏବଂ ଉତ୍ପାଦକମାନଙ୍କର ବନ୍ଧର ସୃଷ୍ଟିବେଳେ ଶକ୍ତିର ପରିବର୍ତ୍ତନକୁ ବିଚାରକୁ ନେଇଥାଉ ।

ଉଚ୍ଚ ତାପମାତ୍ରାରେ ଉଦ୍‌ଜାନ ଅଣୁର ବିଭାଜିତ ହୋଇ ପରମାଣୁ ସୃଷ୍ଟି ହୁଏ ।

$$H_2(g) \rightarrow H(g) + H(g); \Delta_r H = 435\,kJ/mol$$

ଏହି ପ୍ରତିକ୍ରିୟାରେ ଯେଉଁ ପରିମାଣର ତାପ ବିଶୋଷିତ ହୁଏ ତାହା ଉଦ୍‌ଜାନ ଅଣୁକୁ ଭାଙ୍ଗି ପରମାଣୁରେ ପରିଣତ କରେ । ଉଦ୍‌ଜାନ ଭଳି **ଦ୍ୱିପାରମାଣିକ** ଅଣୁପାଇଁ ବନ୍ଧ ବିଭାଜନ ଶକ୍ତିର ସଂଜ୍ଞା ନିମ୍ନରେ ପ୍ରଦତ୍ତ ହେଲା ।

**ଯେତେବେଳେ ଏକ ମୋଲ ଗ୍ୟାସୀୟ ଅଣୁ ବିଭାଜିତ ହୋଇ ଗ୍ୟାସୀୟ ପରମାଣୁରେ ପରିଣତ ହୁଏ ସେତେବେଳେ ପ୍ରତିକ୍ରିୟାର ଏନ୍ଥାଲପି ପରିବର୍ତ୍ତନକୁ ବନ୍ଧ ବିଭାଜନ ଶକ୍ତି କୁହାଯାଏ ।**

ବର୍ତ୍ତମାନ ଏକ ବହୁପାରମାଣିକ ଅଣୁ (ଯଥା ଜଳ)କୁ ବିଚାରକୁ ନିଆଯାଉ । ଏଭଳି ଅଣୁର ବିଭାଜନ ସମୟରେ ପରମାଣୁ ସୃଷ୍ଟି ହୁଏ ।

ଉଦାହରଣ : $H_2O(g) \rightarrow H(g) + OH(g); \Delta_r H^0 = 502\,kJ/mol$

$OH(g) \rightarrow O(g) + H(g); \Delta_r H^0 = 427\,kJ/mol$

ପ୍ରଥମ ପ୍ରତିକ୍ରିୟାରେ ଦୁଇଟି O-H ବନ୍ଧରୁ ଗୋଟିକର ବିଭାଜନ ହୋଇଛି ଏବଂ ଏହି ପ୍ରକ୍ରିୟାରେ ଏନ୍ଥାଲପିର ପରିବର୍ତ୍ତନ ହେଉଛି 502 kJ/mol । ଦ୍ୱିତୀୟ ପ୍ରତିକ୍ରିୟାରେ ଦ୍ୱିତୀୟ O-H ବନ୍ଧର ବିଭାଜନ ହୋଇଅଛି ଏବଂ ଏହି ପ୍ରକିୟାରେ



ଟିପ୍ପଣୀ

ଏନ୍‌ଥାଲପିର ପରିବର୍ତ୍ତନ ହେଉଛି 427kJ / mol । ଏଥିରୁ ସ୍ପଷ୍ଟ ହେଉଅଛି ଯେ O-H ବନ୍ଧର ବିଭାଜନ ଶକ୍ତି ତାର ପାରିପାର୍ଶ୍ୱିକ ଅବସ୍ଥା ଉପରେ ନିର୍ଭର କରେ । ବିଭାଜନ ଶକ୍ତିର ପାର୍ଥକ୍ୟ ଯଥେଷ୍ଟ ଅଧିକ ନୁହେଁ । ତେଣୁ ବହୁ ପାରମାଣିକ ଅଣୁ କ୍ଷେତ୍ରରେ ହାରାହାରି ମୂଲ୍ୟକୁ ବିଚାକୁ ନିଆଯାଏ ଏବଂ ଏହାକୁ ବନ୍ଧ ଏନ୍‌ଥାଲପି କୁହାଯାଏ ।

**ସଂଜ୍ଞା : ବିଭିନ୍ନ ଗ୍ୟାସୀୟ ଯୌଗିକରେ ଏକ ମୋଲ ବନ୍ଧର ବିଭାଜନ ପାଇଁ ହାରାହାରି ଏନ୍‌ଥାଲପି ପରିବର୍ତ୍ତନକୁ ବନ୍ଧ ଏନ୍‌ଥାଲପି କୁହାଯାଏ ।**

ବର୍ତ୍ତମାନ ତୁମେ ବନ୍ଧ ବିଯୋଜନ ଏନ୍‌ଥାଲପି ଓ ବନ୍ଧ ଏନ୍‌ଥାଲପି ମଧ୍ୟରେ ଥିବା ପାର୍ଥକ୍ୟ ବିଷୟରେ ଅବଗତ ହେଲ । ଏକ ନିର୍ଦ୍ଦିଷ୍ଟ ଅଣୁରେ ଏକ ନିର୍ଦ୍ଦିଷ୍ଟ ବନ୍ଧର ବିଭାଜନ ପାଇଁ ଯେଉଁ ଏନ୍‌ଥାଲପି ପରିବର୍ତ୍ତନ ହୁଏ ତାହାକୁ ବନ୍ଧ ବିଯୋଜନ ଏନ୍‌ଥାଲପି କୁହାଯାଏ । କିନ୍ତୁ ଏକ ପ୍ରକାର ବନ୍ଧର ହାରାହାରି ବନ୍ଧ ବିଯୋଜନ ଶକ୍ତିକୁ ବନ୍ଧ ଏନ୍‌ଥାଲପି କୁହାଯାଏ । କିଛି ବନ୍ଧର ବନ୍ଧ ଏନ୍‌ଥାଲପି ଟେବୁଲ (11.1) ପ୍ରଦତ୍ତ ହୋଇଛି ।

**ଟେବୁଲ 11.1 :** ହାରାହାରି ବନ୍ଧ ଏନ୍‌ଥାଲପି

| ବନ୍ଧ | ବନ୍ଧ ଏନ୍‌ଥାଲପି ($kJ\ mol^{-1}$) |
|---|---|
| H - H | 435 |
| C - H | 415 |
| C - Br | 284 |
| C - C | 356 |
| C = C | 598 |
| Br - Br | 193 |
| Cl - Cl | 242 |
| C - Cl | 339 |
| H -F | 563 |
| F - F | 155 |
| H - Cl | 431 |
| H - O | 462 |
| H - N | 390 |
| H - Br | 366 |
| H - I | 296 |
| C - O | 355 |
| C = O | 723 |
| C - N | 371 |
| C = N | 619 |
| C $\equiv$ N | 878 |
| C $\equiv$ C | 832 |

ବନ୍ଧ ଏନ୍‌ଥାଲପି (B.E) ମୂଲ୍ୟକୁ ବ୍ୟବହାର କରି ଗ୍ୟାସୀୟ ପରମାଣୁମାନଙ୍କ ଦ୍ୱାରା ଏକ ଗ୍ୟାସୀୟ ଅଣୁ ସୃଷ୍ଟିହେଲେ ନିର୍ଗତ ଶକ୍ତି ନିର୍ଣ୍ଣୟ କରିବା ସମ୍ଭବ ହେବ । ଉଦାହରଣ ସ୍ୱରୂପ ସ୍ଥିର ଚାପମାତ୍ରାରେ ପ୍ରତିକ୍ରିୟାରେ ନିର୍ଗତ ଶକ୍ତିକୁ $\Delta_r H$ ଦ୍ୱାରା ସୂଚୀତ କରାଯାଏ ।

$$3H(g) + C(g) + Cl(g) \rightarrow CH_3Cl(g)$$

ଉପରୋକ୍ତ ପ୍ରତିକ୍ରିୟାରେ $\Delta_r H$ ର ମୂଲ୍ୟ ତିନିଗୋଟି C-H ର ବନ୍ଧ ଏନ୍‌ଥାଲପି ଓ ଗୋଟିଏ C-Cl ର ବନ୍ଧ ଏନ୍‌ଥାଲପିର ସମଷ୍ଟି ସହ ସମାନ ।

$$\therefore \Delta_r H = -3 \times B.E.(C-H) - B.E.\ (C-Cl)$$

ବିଯୁକ୍ତ ଚିହ୍ନ ଦିଆଯିବାର କାରଣ ଏହି ପ୍ରତିକ୍ରିୟାରେ ଶକ୍ତି ନିର୍ଗତ ହେଉଛି ।

$$\therefore \Delta_r H = [(-3\times 415) - 335]\ kJ\ mol^{-1}$$

$$= (-1245 - 335)\ kJ\ mol^{-1}$$

$$= -1574\ kJ\ mol^{-1}$$

ଯେତେବେଳେ କାଲୋରିମିଟର ସାହାଯ୍ୟରେ ସିଧାସଳଖ ଏନ୍‌ଥାଲପି ନିର୍ଣ୍ଣୟ କରାଯାଇପାରିବ ନାହିଁ ସେତେବେଳେ ବନ୍ଧ ଏନ୍‌ଥାଲପି ମୂଲ୍ୟକୁ ବ୍ୟବହାରକରି କିପରି ପ୍ରତିକ୍ରିୟାର ଏନ୍‌ଥାଲପି ନିର୍ଣ୍ଣୟ କରାଯାଇପାରିବ ତାହା ନିମ୍ନରେ ବର୍ଣ୍ଣନା କରାଗଲା ।

ଅଧ୍ୟାୟ 11.7 ରେ ନିର୍ମାଣ ଏନ୍‌ଥାଲପି ମୂଲ୍ୟକୁ ବ୍ୟବହାର କରି ପ୍ରତିକ୍ରିୟାର ଏନ୍‌ଥାଲପି ନିର୍ଣ୍ଣୟ କରାଯାଇଛି ।

$\Delta_r H = \sum B.E$ (ପ୍ରତିକାରକ ) $- \sum B.E$ (ଉତ୍ପାଦ) ..............................(11.10)

ଗ୍ୟାସୀୟ ଅବସ୍ଥାରେ ସଂଘଟିତ ରାସାୟନିକ ପ୍ରତିକ୍ରିୟାର $\Delta_r H$ ର ମୂଲ୍ୟ ଉପରୋକ୍ତ ସୂତ୍ର ସାହାଯ୍ୟରେ ନିର୍ଣ୍ଣୟ କରାଯାଇପାରିବ ।

**ଉଦାହରଣ- 11.3** : ଟେବୁଲ୍ 11.1 ଦିଆଯାଇଥିବା ବନ୍ଧ ଏନ୍‌ଥାଲପି ମୂଲ୍ୟକୁ ବ୍ୟବହାର କରି ନିମ୍ନୋକ୍ତ ପ୍ରତିକ୍ରିୟା ଏନ୍‌ଥାଲପି ( $\Delta_r H$ )ନିର୍ଣ୍ଣୟ କର ।

$$CH_4(g) + Cl_2(g) \rightarrow CH_3Cl(g) + HCl(g)$$

**ସମାଧାନ :** (1) ପ୍ରଦତ୍ତ ସମୀକରଣଟିକୁ ଗଠନାତ୍ମକ ସଂକେତ ସାହାଯ୍ୟରେ ଲେଖାଯାଉ ।




(2) ଯେଉଁ ସବୁ ବନ୍ଧ ମାନଙ୍କର ବିଘଟନ ହେଲା ଏବଂ ଯେଉଁ ସବୁ ବନ୍ଧମାନଙ୍କର ସୃଷ୍ଟି ହେଲା ତାହାର ଏକ ତାଲିକା ପ୍ରସ୍ତୁତ କରାଯାଉ ।

| ବିଯୋଜିତ ବନ୍ଧର ସଂଖ୍ୟା | ସୃଷ୍ଟି ହୋଇଥିବା ବନ୍ଧର ସଂଖ୍ୟା |
|---|---|
| C – H = 4 | C – Cl = 1 |
| Cl – Cl = 1 | H – Cl = 1 |
| | C – H = 3 |

(3) ପ୍ରତିକାରକ ଓ ଉତ୍ପାଦରେ ଥିବା ବନ୍ଧମାନଙ୍କର ବନ୍ଧ ଏନ୍‌ଥାଲପିର ତାଲିକା ପ୍ରସ୍ତୁତ କରାଯାଉ ।

| ପ୍ରତିକାରକ | ଉତ୍ପାଦ |
|---|---|
| B.E (C – H) = 435 kJ mol $^{-1}$ | B.E (C – Cl) = 339 kJ mol$^{-1}$ |
| B.E (Cl – Cl) = 242 kJ mol $^{-1}$ | B.E ( H – Cl) = 431 kJ mol $^{-1}$ |
| | B.E (C – H ) = 435 kJ mol$^{-1}$ |

(4) ବର୍ତ୍ତମାନ ସୂତ୍ର (11.10) କୁ ବ୍ୟବହାର କରି $\Delta_r H$ ମୂଲ୍ୟ ନିର୍ଦ୍ଧାରଣ କରାଯାଉ ।

ପ୍ରତିକ୍ରିୟାର ଏନ୍‌ଥାଲପି ( $\Delta_r H$ ) = $\sum B.E$ (ପ୍ରତିକାରକ ) $-\sum B.E$ (ଉତ୍ପାଦ)

$$\therefore \Delta_r H = [4B.E\,(C-H) + B.E\,(Cl-Cl)] - [3B.E\,(C-H) + B.E\,(C-Cl) + B.E(H-Cl)]$$

$$= [4\times 435 + 242] - [3\times 435 + 339 + 431]kJ$$

$$= [1740 + 242] - [1305 + 339 + 431]kJ$$

$$= 1982 - 2075\,kJ$$

$$= -\,93\ kJ$$

ବର୍ତ୍ତମାନ ଗୋଟିଏ ଉଦାହରଣ ବିଚାରକୁ ନିଆଯାଉ ଯେଉଁଥିରେ ନିର୍ମାଣ ଏନ୍‌ଥାଲପି ଓ ବନ୍ଧ ଏନ୍‌ଥାଲପିକୁ ବ୍ୟବହାର କରି ପ୍ରତିକ୍ରିୟାର ଏନ୍‌ଥାଲପି ( $\Delta_r H$ ) ନିର୍ଣ୍ଣୟ କରାଯାଇପାରିବ ।

**ଉଦାହରଣ- 11.4** : $Cl_2(g) + 2HF\,(g) \rightarrow 2HCl(g) + F_2(g)$

ଉପରୋକ୍ତ ପ୍ରତିକ୍ରିୟାର $\Delta_r H^0$ ମୂଲ୍ୟ ନିର୍ଦ୍ଧାରଣ କର ।

(a) ନିର୍ମାଣ ଏନ୍‌ଥାଲପି ମୂଲ୍ୟ ବ୍ୟବହାର କରି

$$\Delta_r H^0\,(HCl) = -92.5\ kJ$$

$$\Delta_r H^0\,(HF) = -269\ kJ$$

(b) ବନ୍ଧ ଏନ୍‌ଥାଲପି ମୂଲ୍ୟ ବ୍ୟବହାର କରି

B.E ( H - Cl) = 431 kJ $mol^{-1}$

B.E ( F - F) = 155 kJ $mol^{-1}$

B.E ( H - F) = 563 kJ $mol^{-1}$

B.E ( Cl - Cl) = 242 kJ $mol^{-1}$

ସମାଧାନ : (a) ନିର୍ମାଣ ଏନ୍‌ଥାଲପି ମୂଲ୍ୟ ବ୍ୟବହାର କରି

$$\Delta_r H^0 = [2\Delta_f H^0(HCl) + \Delta_f H^0(F_2)] - [2\Delta_f H^0(HF) + \Delta_f H^0(Cl_2)]$$

$$= [2\times(-99.5) + 0] - [2\times(-269) + 0\,]\,k$$

$$= [-185 + 538]kJ = +353\ kJ$$

(b) ବନ୍ଧ ଏନ୍‌ଥାଲପି ମୂଲ୍ୟ ବ୍ୟବହାର କରି

$\Delta_r H^0 = \sum\ B.E$ (ପ୍ରତିକାରକ) $-\sum\ B.E$ (ଉତ୍ପାଦ)

$$= [B.E(Cl-Cl) + B.E(H-F)] - [2B.E(H-Cl) + B.E(F-F)]$$

$$= (242 + 2\times 563)\,kJ - [(2\times 431) + 155\,]\,kJ$$

$$= (1368 - 1017)\,kJ = 351\ kJ$$

$\therefore$ ଦୁଇଟି ବିଭିନ୍ନ ଉପାୟରେ ନିର୍ଣ୍ଣୟ କରାଯାଇଥିବା $\Delta_r H^0$ ମୂଲ୍ୟ ପ୍ରାୟ ସମାନ ।







## ପାଠଗତ ପ୍ରଶ୍ନ 11.3

1. ନିମ୍ନୋକ୍ତ ପ୍ରଶ୍ନମାନଙ୍କ ମଧ୍ୟରୁ କେଉଁଟି ଭୁଲ୍ ଏବଂ କେଉଁଟି ଠିକ୍ ନିର୍ଣ୍ଣୟ କର ।
   (a) ପ୍ରତିକ୍ରିୟାର ଏନ୍‌ଥାଲପି, ଉତ୍ପାଦମାନଙ୍କର ନିର୍ମାଣ ଏନ୍‌ଥାଲପି ଓ ପ୍ରତିକାରକମାନଙ୍କର ନିର୍ମାଣ ଏନ୍‌ଥାଲପିର ବିୟୋଗଫଳ ସହିତ ସମାନ ।
   (b) ବସ୍ତୁର ମୌଳିକ ଅବସ୍ଥାର ନିର୍ମାଣ ଏନ୍‌ଥାଲପି ହେଉଛି ଶୂନ୍ୟ ।
   (c) ଯଦି କୌଣସି ଏକ ପ୍ରତିକ୍ରିୟା ବିଭିନ୍ନ ପଥ ନେଇ ଗତିକରେ ତେବେ ସମଗ୍ର ପ୍ରତିକ୍ରିୟାର ଏନ୍‌ଥାଲପି ପରିବର୍ତ୍ତନ, ଶେଷ ପଥର ଏନ୍‌ଥାଲପି ପରିବର୍ତ୍ତନ ସହ ସମାନ ।
   (d) ବହୁ ପାରମାଣିକ ଅଣୁ ପାଇଁ ବନ୍ଧ ଏନ୍‌ଥାଲପି ଓ ବନ୍ଧ ବିଯୋଜନ ଶକ୍ତି ସମାନ ।

2. $NH_3$ (g) ରେ N-H ର ବନ୍ଧ ଏନ୍‌ଥାଲପି ନିର୍ଣ୍ଣୟ କର ।

   ଦତ୍ତ : $$\frac{1}{2}N_2(g)+\frac{3}{2}H_2(g)\rightarrow NH_3(g);\ \Delta_f H^0 = -46\ kJ\,mol^{-1}$$

   $$\frac{1}{2}H_2(g)\rightarrow H(g);\quad \Delta_r H^0 = 218\ kJ\,mol^{-1}$$

   $$\frac{1}{2}N_2(g)\rightarrow N(g);\quad \Delta_r H^0 = 973\ kJ\,mol^{-1}$$

1. ନିମ୍ନୋକ୍ତ ପ୍ରତିକ୍ରିୟାର ଏନ୍‌ଥାଲପି ନିର୍ଣ୍ଣୟ କର ।

   $$H_2(g)+Cl_2(g)\rightarrow 2HCl(g)$$

   ଦତ୍ତ : ବନ୍ଧ ଏନ୍‌ଥାଲପି $(H-H) = 435\ kJ\,mol^{-1}$

   ବନ୍ଧ ଏନ୍‌ଥାଲପି $(Cl-Cl) = 242\ kJ\,mol^{-1}$

   ବନ୍ଧ ଏନ୍‌ଥାଲପି $(H-Cl) = 431\ kJ\,mol^{-1}$

---

## ତୁମେ କ'ଣ ଶିଖିଲ :

- ଭୌତିକ ଜଗତର ଯେଉଁ ଅଂଶକୁ ଆଲୋଚନା ପରିସରଭୁକ୍ତ କରାଯାଏ ତାହାକୁ ବ୍ୟବସ୍ଥା କୁହାଯାଏ ଏବଂ ବିଶ୍ୱର ଅନ୍ୟ ସମସ୍ତ ଅଂଶକୁ ପରିବେଶ କୁହାଯାଏ ।
- ମୁକ୍ତ ବ୍ୟବସ୍ଥା ହେଉଛି ସେହି ବ୍ୟବସ୍ଥା ଯାହା ପରିବେଶ ସହିତ ଉଭୟ ବସ୍ତୁ ଓ ଶକ୍ତି ବିନିମୟ କରେ ।
- ସଂବୃତ ବ୍ୟବସ୍ଥା ହେଉଛି ସେହି ଅବସ୍ଥା ଯାହା ପରିବେଶ ସହିତ ଶକ୍ତି ବିନିମୟ କରିପାରିବ କିନ୍ତୁ ବସ୍ତୁ ନୁହେଁ ।
- ବିଚ୍ଛିନ୍ନ ବ୍ୟବସ୍ଥା ହେଉଛି ସେହି ବ୍ୟବସ୍ଥା ଯାହା ପରିବେଶ ସହିତ ବସ୍ତୁ କିମ୍ବା ଶକ୍ତି ବିନିମୟ କରେ ନାହିଁ ।
- ଅବସ୍ଥା ଫଳନ ହେଉଛି ସେହି ଫଳନ ଯାହା ବ୍ୟବସ୍ଥାର ଅବସ୍ଥା ଉପରେ ନିର୍ଭର କରେ ।

- ବ୍ୟାପକ ଧର୍ମ ହେଉଛି ସେହି ଧର୍ମ ଯାହା କେବଳ ବ୍ୟବସ୍ଥାର ଆକାର ଉପରେ ନିର୍ଭର କରେ କିନ୍ତୁ ମାତ୍ରା ସ୍ୱତନ୍ତ୍ର ଧର୍ମ ବ୍ୟବସ୍ଥାର ଆକାର ଉପରେ ନିର୍ଭର କରେ ନାହିଁ ।
- ବିଭିନ୍ନ ପ୍ରକାର ପ୍ରଚଳନ ସମୟରେ ଯଦି ବ୍ୟବସ୍ଥାର ତାପମାତ୍ରାରେ କୌଣସି ପରିବର୍ତ୍ତନ ହୁଏନାହିଁ ତେବେ ସେ ପ୍ରକ୍ରିୟାକୁ ସମୋଷ୍ମ ପ୍ରକ୍ରିୟା କୁହାଯାଏ ।
- ଯେଉଁ ପ୍ରକ୍ରିୟାରେ ବ୍ୟବସ୍ଥା ଓ ପରିବେଶ ମଧ୍ୟରେ ତାପ ବିନିମୟ ହୁଏନାହିଁ ସେଭଳି ପ୍ରକ୍ରିୟାକୁ ରୁଦ୍ଧୋଷ୍ମ ପ୍ରକ୍ରିୟା କୁହାଯାଏ ।
- ଯେଉଁ ପ୍ରକ୍ରିୟାରେ ପରିବର୍ତ୍ତନ ଏଭଳି ମନ୍ଥର ଗତିରେ ହୁଏଯେ ବ୍ୟବସ୍ଥା ଓ ପରିବେଶ ସର୍ବଦା ସାମ୍ୟବସ୍ଥା ବଜାୟ ରଖନ୍ତି ସେଭଳି ପ୍ରକ୍ରିୟାକୁ ବିପରୀତମୁଖୀ ପ୍ରକ୍ରିୟା କୁହାଯାଏ ।
- ଯେଉଁ ପ୍ରକ୍ରିୟାରେ ତାପଶକ୍ତି ଉତ୍ପନ୍ନ ହୁଏ ସେଭଳି ପ୍ରତିକ୍ରିୟାକୁ ତାପଉତ୍ପାଦୀ ପ୍ରତିକ୍ରିୟା କୁହାଯାଏ ।
- ଯେଉଁ ପ୍ରତିକ୍ରିୟାରେ ପରିବେଶରୁ ତାପଶକ୍ତି ବିଶୋଷିତ ହୁଏ ସେଭଳି ପ୍ରତିକ୍ରିୟାକୁ ତାପଶୋଷୀ ପ୍ରତିକ୍ରିୟା କୁହାଯାଏ ।
- ରାସାୟନିକ ତାପଗତିକ ବିଜ୍ଞାନର ପ୍ରଥମ ନିୟମ ଅନୁସାରେ ଶକ୍ତିର ସୃଷ୍ଟି କିମ୍ବା ବିଲୟ ହୁଏନାହିଁ ।
- ବ୍ୟବସ୍ଥାରେ ଥିବା ସମସ୍ତ ପରମାଣୁ, ଅଣୁ ଓ ଆୟନର ଶକ୍ତିର ସମାହାରକୁ ଆଭ୍ୟନ୍ତରୀଣ ଶକ୍ତି କୁହାଯାଏ ।
- ଏନ୍‌ଥାଲପି (H) ହେଉଛି ଏକ ବ୍ୟବସ୍ଥା ଫଳନ ଯାହା ନିମ୍ନୋକ୍ତ ସମୀକରଣ ଦ୍ୱାରା ପ୍ରକାଶ କରାଯାଏ ।

  $H = U + PV$
- ଯେକୌଣସି ରାସାୟନିକ ପ୍ରତିକ୍ରିୟାର ଯଦି ଦିଗ ପରିବର୍ତ୍ତନ ହୁଏ ତେବେ $\Delta H$ ମୂଲ୍ୟର ଚିହ୍ନ ପରିବର୍ତ୍ତନ ହୁଏ ।
- ପ୍ରତିକ୍ରିୟାର ଏନ୍‌ଥାଲପି ମଧ୍ୟବର୍ତ୍ତୀକାଳୀନ ପଥର ସଂଖ୍ୟା ଓ ପ୍ରକୃତି ଉପରେ ନିର୍ଭର କରେ ନାହିଁ ।
- ଯେତେବେଳେ ଏକ ମୋଲ୍ ଗ୍ୟାସୀୟ ଅଣୁ ବିଭାଜିତ ହୋଇ ଗ୍ୟାସୀୟ ପରମାଣୁରେ ପରିଣତ ହୁଏ ସେତେବେଳେ ପ୍ରତିକ୍ରିୟାର ହାରାହାରି ଏନ୍‌ଥାଲପି ପରିବର୍ତ୍ତନକୁ ବନ୍ଧ ଏନ୍‌ଥାଲପି କୁହାଯାଏ ।

## ପାଠ୍ୟାନ୍ତ ପ୍ରଶ୍ନ

1. ଇଥାଇଲ ଆଲକୋହଲର ଦହନ ଏନ୍‌ଥାଲପି ହେଉଛି –950 kJ mol$^{-1}$ ।

   1g ଇଥାଇଲ ଆଲକୋହଲର ଦହନ ସମୟରେ କେତେ ତାପ ଉତ୍ପନ୍ନ ହେବ ନିର୍ଣ୍ଣୟ କର ।
2. ଦତ୍ତ :

   $$C_2H_2(g) + \frac{5}{2}O_2(g) \rightarrow 2CO(g) + H_2O(g); \quad \Delta_{comb}H = -1299 \text{ kJ mol}^{-1}$$

   $$C_{(graphite)} + O_2(g) \rightarrow CO_2(g); \Delta_r H = -393 \text{ kJ mol}^{-1}$$

   $$H_2(g) + \frac{1}{2}O_2(g) \rightarrow H_2O(l); \quad \Delta_r H = -285.5 \text{ kJ mol}^{-1}$$

   $C_2H_2(g)$ ର ନିର୍ମାଣ ଏନ୍‌ଥାଲପି ନିର୍ଣ୍ଣୟ କର ।
3. ପ୍ରୋପେନ୍‌ର ଦହନ ଏନ୍‌ଥାଲପି ନିର୍ଣ୍ଣୟ କର ।

   $$C_3H_8(g) + 5O_2(g) \rightarrow 3CO_2(g) + 4H_2O(l)$$

ଟିପ୍ପଣୀ

ଦତ୍ତ :

$$H_2(g)+\frac{1}{2}O_2(g)\rightarrow H_2O(l);\quad \Delta_r H=-285.5\ \text{kJ mol}^{-1}$$

$$C(s)+O_2(g)\rightarrow CO_2(g);\ \Delta_r H=-393\ \text{k J mol}^{-1}$$

$$3C(s)+4H_2(g)\rightarrow C_3H_8(g);\ \Delta_r H=-104\ \text{kJ mol}^{-1}$$

4. 373K ଓ 1 bar ଚାପରେ ଦୁଇ ମୋଲ୍ ଉଦଜାନ ଓ ଏକ ମୋଲ ଅମ୍ଳଜାନ ପ୍ରତିକ୍ରିୟା ହୋଇ ଦୁଇମୋଲ ଜଳୀୟ ବାଷ୍ପ ସୃଷ୍ଟିହୁଏ ଏବଂ ସମୁଦାୟ 484 kJ ତାପଶକ୍ତି ଉତ୍ପନ୍ନ ହୁଏ । ଏକ ମୋଲ୍ ଜଳୀୟ ବାଷ୍ପ ସୃଷ୍ଟି ପାଇଁ ହେଲାବେଳେ $\Delta H$ ଓ $\Delta U$ ର ମୂଲ୍ୟ ନିର୍ଦ୍ଧାରଣ କର ।

5. ନିମ୍ନୋକ୍ତ ପ୍ରତିକ୍ରିୟାର ଏନ୍ଥାଲପି ନିର୍ଣ୍ଣୟ କର ।

$$2Na_2O_2(g)+2H_2O(l)\rightarrow 4NaOH(s)+O_2(g)$$

2NaOH(s), $Na_2O_2(s)$ ଓ $H_2O(l)$ ର ନିର୍ମାଣ ଏନ୍ଥାଲପି ଯଥାକ୍ରମେ $-426.4\ \text{kJ mol}^{-1}$, $504\ \text{kJ mol}^{-1}$ ଓ $-285\ \text{kJ mol}^{-1}$

6. ବାଷ୍ପୀୟ ଇଥାଇଲ ଆଲକୋହଲର ନିର୍ମାଣ ଏନଥାଲ୍ପି ନିର୍ଣ୍ଣୟ କର ।

$$2C_{(graphite)}+3H_2(g)+\frac{1}{2}O_2(g)\rightarrow C_2H_5OH(g)$$

ଦତ୍ତ: ଗ୍ରାଫାଇଟ୍ର ଉର୍ଦ୍ଧ୍ୱପାତନ ଏନ୍ଥାଲପି ହେଉଛି $714\ \text{kJ mol}^{-1}$ ଓ H - H, O = O, C - H, C- O ଓ O - H ର ବନ୍ଧ ଏନ୍ଥାଲପି ଯଥାକ୍ରମେ $435\ \text{kJ mol}^{-1}$, $498\ \text{kJ mol}^{-1}$, $415\ \text{kJ mol}^{-1}$, $355\ \text{kJ mol}^{-1}$ ଓ $462\ \text{kJ mol}^{-1}$

## ପାଠଗତ ପ୍ରଶ୍ନର ଉତ୍ତର

### 11.1

1. (a)

2. (a) $\Delta n = 1 - \frac{1}{2} - \frac{3}{2} = -1$

(b) $\Delta U = \Delta H - \Delta_n RT$

$$= 4600(J\,mol^{-1}) - (-1)(8.314\,JK^{-1}mol^{-1}) \times (298K)$$

$$= 4600(J\,mol^{-1}) + 2247.6\ (J\ mol^{-1})$$

$$= 43.5\ J\,mol^{-1}$$

3. (a)

### 11.2

1. (c)
2. −1329 k J
3. $\Delta_r H^0 = 2\Delta_r H^0(H_2O) - 2\Delta_r H^0(H_2S) - 2\Delta_r H^0(SO_2)$

$$= -241.7\ kJ$$



ଟିପ୍ପଣୀ

## 11.3

1. (a) T
   (b) T
   (c) F
   (d) F

2. $\Delta_r H^0 = \sum B.E.(\text{ପ୍ରତିକାରକ}) - \sum B.E.(\text{ଉତ୍ପାଦ})$

   $-46\,(\text{kJ mol}^{-1}) = 3\times 218\,(\text{kJ mol}^{-1}) + 973\,(\text{kJ mol}^{-1})$

   or, B.E (3N - H) ବନ୍ଧ = 1673 kJ $mol^{-1}$

   or, B.E (N – H) = 557.7 kJ $mol^{-1}$

3. $\Delta_r H^0 = -185\ \text{kJ mol}^{-1}$